## ସଂକ୍ଷେପରେ

### କମିଲା ଶୀତ, ୬ରେ ହାଲୁକା ବର୍ଷା

ଭୁବନେଶ୍ୱର,୪।୨(ବ୍ୟୁରୋ): ରାଜ୍ୟରେ ଗତ କିଛି ଦିନ ହେବ ଶୀତର ପ୍ରକୋପ ବୃଦ୍ଧି ପାଇଥିଲା। ତେବେ ଶୁକ୍ରବାର ଠାରୁ ଏହା ହ୍ରାସ ପାଇଛି। କେତେକ ସ୍ଥାନରେ ପାରଦ ୩ରୁ ୪ ଡିଗ୍ରୀ ବୃଦ୍ଧି ପାଇଛି। ଆସନ୍ତା ୫ ଦିନ ଯାଏ ପାରଦ ଉପରମୁହାଁ ହେବା ଆଉ ଶୀତ ପ୍ରକୋପ ରହିବ ନାହିଁ। କେତେକ ସ୍ଥାନରେ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା କୁହୁଡ଼ି ସମ୍ଭାବନା ରହିଛି। ତେବେ ୫ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବା ସମ୍ଭାବନା ରହିଛି। ସେହିପରି ୬ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଏବଂ ଅନୁଗୋଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଗୁରୁବାର ୧୨ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି।

### ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍

ବାରିପଦା ଅଫିସ,୪।୨: ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅଧୀନ ଖୁଟିଂ ନିକଟରେ ଗୁରୁବାର ଏକ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୧ଲକ୍ଷ ୭ହଜାର ଟଙ୍କା, ମୋବାଇଲ ଫୋନ୍ ଓ ଏକ ଟାବ୍‌ଲେଟ ଲୁଟି ନେଇଛନ୍ତି। ଖବରପାଇ ଥାନା ଆଇଆଇସି ଡି.ଲାକ୍ରା ସଦଳବଳେ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଜାରି ରଖିଥିଲେ ହେଁ ଲୁଟେରାଙ୍କ ପତ୍ତା ମିଳି ପାରିନାହିଁ। ସନ୍ଧ୍ୟାରେ କଲେକ୍ସନ ଟଙ୍କା ଧରି କରଞ୍ଜିଆର କରଡ଼ିହାସ୍ଥିତ ଘରୋଇ ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକ ଶୁଭେନ୍ଦୁ ଦାସ ବାଇକ୍‌ରେ ଫେରୁଥିଲା ବେଳେ ଏହି ଘଟଣା ଘଟିଥିଲା।

# କୋର୍ଟରେ ହାଜର ହେଲେ ପ୍ରଦୀପ

ବ୍ରହ୍ମପୁର ଅଫିସ,୪।୨

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ଘଟଣାରେ ଝାରପଡ଼ା ଜେଲରେ ଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଗୁରୁବାର ବ୍ରହ୍ମପୁର କୋର୍ଟରେ ପୋଲିସ କଡ଼ା ସୁରକ୍ଷାରେ ହାଜର କରିଥିଲା। ଗୋଳନ୍ଥରା ଥାନାରେ ତାଙ୍କ ନାଁରେ ରୁଜୁ ହୋଇଥିବା ତିନୋଟି ଠକେଇ ମାମଲାରେ ତାଙ୍କୁ ଜଡିତ କରାଗଲା ବୋଲି ଏସ୍‌ଡିଜେଏମ୍ ପ୍ରଦୀପଙ୍କୁ କହିଥିଲେ।

**ବ୍ରହ୍ମପୁର ଏସ୍‌ଡିଜେଏମ୍ ଅଦାଲତ**

କୋର୍ଟରେ ପ୍ରଦୀପ ଏସ୍‌ଡିଜେଏମ୍‌ଙ୍କୁ କହିଥିଲେ, ପୋଲିସ ବିନା ଡାକ୍ତରୀ ଚିକିତ୍ସାରେ ମୋତେ ଏଠାରେ ହାଜର କରିଛି। ମୋର ସ୍ୱାସ୍ଥ୍ୟ ଖରାପ ରହିଛି। ତାଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲ ପଠାଇ ସେଠାରେ ଚିକିତ୍ସା କରିବା ପାଇଁ ପ୍ରଦୀପଙ୍କ ଓକିଲ ଦୀପକ ପଟ୍ଟନାୟକ କୋର୍ଟରେ ଏକ ପିଟିଶନ ଦାଖଲରେ ଉଲ୍ଲେଖ କରିଥିଲେ। ଅନ୍ୟପଟେ ସରକାରୀ ଏପିପି ମାଳତୀ ପାଳ ଏହାର ପ୍ରତିବାଦ କରିବା ସହ ବ୍ରହ୍ମପୁର ଜେଲରେ ପ୍ରଦୀପଙ୍କର ଭଲ ଚିକିତ୍ସା ବ୍ୟବସ୍ଥା କରାଯାଇପାରିବ ବୋଲି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଅନ୍ୟ ଏକ ପିଟିଶନ ଦାଖଲ କରିଥିଲେ। ଏହି ଦୁଇଟି ଯାକର ଶୁଣାଣି କରି ଏସ୍‌ଡିଜେଏମ୍ ଗୁରୁବାର ସନ୍ଧ୍ୟାରେ ତାଙ୍କ ରାୟ ପ୍ରକାଶ କରିଛନ୍ତି।

ସେ ଉଲ୍ଲେଖ କରିଛନ୍ତି, ପ୍ରଦୀପଙ୍କୁ ୩ଦିନ ପାଇଁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରଖାଯିବ। ସେଠାରେ କାରାପାଳ ଓ ଡାକ୍ତର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବେ। ଆସନ୍ତା ୭ ତାରିଖରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇ ଝାରପଡ଼ା ଜେଲ ପଠାଯିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ପ୍ରଦୀପଙ୍କ ଓକିଲ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗୋଳନ୍ଥରା ଥାନାରେ ପ୍ରଦୀପଙ୍କ ନାମରେ ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ପୃଥକ୍ ଭାବେ ୩ଟି ଟଙ୍କା ଠକେଇ ମାମଲା (ଜିଆର୍-୨୨୨୫/୨୦, ୨୨୬୮/୨୦, ୬୨/୨୧) ରୁଜୁ ହୋଇଥିଲା। ଏହି ମାମଲାରେ ତାଙ୍କ ନାମରେ ରିମାଣ୍ଡ ଲଗାଇବା ପାଇଁ ଗୋଳନ୍ଥରା ପୋଲିସ ପକ୍ଷରୁ ପୂର୍ବରୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରାଯାଇଥିଲା। ଏହି ଆବେଦନର ଶୁଣାଣି ବେଳେ କୋର୍ଟରେ ପୂର୍ବରୁ ଉଭୟ ପକ୍ଷ ଓକିଲଙ୍କ ଜବାବସୁଆଲ ଶେଷ ହୋଇଥିଲା।



ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ପୋଲିସ କଡ଼ା ସୁରକ୍ଷାରେ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟକୁ ନେଉଛି।

- ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଠକେଇ
- ୩ଦିନ ରହିବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ
- ୭ରେ ଯିବେ ଝାରପଡ଼ା ଜେଲ
- କାରାପାଳ, ଡାକ୍ତର ଚିକିତ୍ସା କରିବେ

ଶେଷରେ ବ୍ରହ୍ମପୁର ଏସ୍‌ଡିଜେଏମ୍ ଏହି ୩ଟି ମାମଲାରେ ପ୍ରଦୀପଙ୍କ ନାଁରେ ରିମାଣ୍ଡ ଲଗାଇବା ପାଇଁ ଗତ ସୋମବାର ସନ୍ଧ୍ୟାରେ ପୋଲିସକୁ ଅନୁମତି ଦେଇଥିଲେ। ତେବେ ଗତ ମଙ୍ଗଳବାର ପ୍ରଦୀପଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ, କୁମାର କାନ୍ତ ବେହେରା ଓ ଅସିତ ଶତପଥୀ ଏସ୍‌ଡିଜେଏମ୍ କୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ପ୍ରଦୀପଙ୍କୁ ଭର୍ଚୁଆଲ ମାଧ୍ୟମରେ କୋର୍ଟରେ ହାଜର ପାଇଁ ଅନୁମତି ଦେବାକୁ ପିଟିଶନରେ ଉଲ୍ଲେଖ କରିଥିଲେ। ଏହାର ଶୁଣାଣି କରି ଏସ୍‌ଡିଜେଏମ୍ ଜିତେନ୍ଦ୍ରୀୟ ପାଣିଗ୍ରାହୀ ବୁଧବାର ଉକ୍ତ ପିଟିଶନକୁ ଖାରଜ କରିବା ସହ ବିଧାୟକ ପ୍ରଦୀପଙ୍କୁ କୋର୍ଟରେ ହାଜର କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

# ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଜିଆର୍‌ଏସ୍‌ଙ୍କ ଆତ୍ମାହୁତି ଉଦ୍ୟମ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

**ବକେୟା ଦରମା ନ ମିଳିବାରୁ ପ୍ରତିବାଦ**

ବାସୁଦେବପୁର,୪।୨(ଡି.ଏନ.ଏ.)

୧୦ ମାସର ବକେୟା ଦରମା ନ ମିଳିବା ପ୍ରତିବାଦରେ ଜଣେ ଜିଆର୍‌ଏସ୍ ଓ ତାଙ୍କ ସ୍ତ୍ରୀ ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଭଦ୍ରକ ଜିଲା ବାସୁଦେବପୁର ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉତ୍କଳ ମଳିକ ନାମକ ଜଣେ ଜିଆର୍‌ଏସ୍ ତାଙ୍କର ୧୦ ମାସର ବକେୟା ଦରମା ପ୍ରଦାନ କରାଯାଇ ନ ଥିବା ଅଭିଯୋଗ କରିଥିଲେ। ପୂର୍ବାହ୍ନ ୧୧ଟା ବେଳେ ସେ ଓ ତାଙ୍କ ସ୍ତ୍ରୀ ମିନତି ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ବେଳେ ବ୍ଲକ କର୍ମଚାରୀମାନେ ଅଟକାଇ ଥିଲେ। ଫଳରେ ଦୁଇଜଣ ନିଜ ଦେହରେ କିରୋସିନ ଢାଳି ଦେଇଥିବା ବେଳେ ନିଆଁ ଲଗାଇ ପାରି ନ ଥିଲେ। ସେମାନେ ବିଡିଓଙ୍କୁ ତାଙ୍କ ଅଫିସରେ ଗାଳିଗୁଲଜ କରିବା ସହ ବକେୟା ଦରମା ଦେବାକୁ ଦାବି କରିଥିଲେ। ଉଚ୍ଚ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଡିଓ ତାଙ୍କୁ ଦରମା ଦେଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବାସୁଦେବପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ବିଡିଓ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କର ୨ ମାସର ଦରମା ରିଲିଜ୍ କରାଯାଇଥିବା କହିଛନ୍ତି।


**बैंक ऑफ़ बड़ौदा Bank of Baroda**

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର-୨ କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

**ଶାଖା ପୁନଃସ୍ଥାପନ ନିମନ୍ତେ ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ବ୍ୟାଙ୍କ ଅଫ୍ ବରୋଦା ନିମ୍ନଲିଖିତ ସ୍ଥାନରେ ନିମ୍ନରେ ଦର୍ଶାଯାଇଥିବା ଶାଖାଗୁଡିକର ସ୍ଥାନାନ୍ତରଣ/ପୁନଃସ୍ଥାପନ ନିମନ୍ତେ ପାର୍କିଂ ଏବଂ ପର୍ଯ୍ୟାପ୍ତ ବିଦ୍ୟୁତ୍ ସରବରାହ ସହିତ ସମସ୍ତ ସୁବିଧା ଉପଲବ୍ଧ ଥିବା ଗୃହ ପାଇଁ ଦୁଇଟି ପୃଥକ ବିଡ୍ ମାଧ୍ୟମରେ ଗୃହ ମାଲିକ / ପାୱାର ଅଫ୍ ଆଟୋର୍ଣ୍ଣି ହୋଲ୍ଡରମାନଙ୍କ ଠାରୁ ଲିଜ୍ ଭିତ୍ତିରେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ତଳ ମହଲା ଗୃହକୁ ଅଗ୍ରାଧିକାର ଦିଆଯିବ।

| | |
|---|---|
| ୧. ମାଲଦା: ମାଲଦା ଛକ ଏବଂ ଏହାର ଆଖପାଖରେ, ଜିଲ୍ଲା: କେନ୍ଦୁଝର (ଓଡ଼ିଶା) | ୧୦୦୦ ରୁ ୧୨୦୦ ବର୍ଗଫୁଟ କାର୍ପେଟ ଏରିଆ |
| ୨. କେନ୍ଦୁଝର: ସିରାଜୁଦ୍ଦିନ ସ୍କୋୟାର/ଗାନ୍ଧୀ ଛକ ଏବଂ ଏହାର ଆଖପାଖରେ, ଜିଲ୍ଲା: କେନ୍ଦୁଝର (ଓଡ଼ିଶା) | ୧୧୦୦ ରୁ ୧୩୫୦ ବର୍ଗଫୁଟ କାର୍ପେଟ ଏରିଆ |
| ୩. ବଡବିଲ: ବଡବିଲ ମୁଖ୍ୟ ରାସ୍ତା, ଜିଲ୍ଲା: କେନ୍ଦୁଝର (ଓଡ଼ିଶା) | ୧୧୦୦ ରୁ ୧୩୫୦ବର୍ଗଫୁଟ କାର୍ପେଟ ଏରିଆ |

ପରିସରଟି ପ୍ରସ୍ତୁତ ଥିବା କିମ୍ବା ଆପାତତଃ ୩ ମାସ ମଧ୍ୟରେ ଅଧିକୃତ କରିବା ପାଇଁ ପ୍ରସ୍ତୁତ ହୋଇପାରିବା ଆବଶ୍ୟକ। ଆଗ୍ରହୀ ପକ୍ଷମାନେ ୨ଟି ପୃଥକ ମୁଦ ଲଫାପାରେ ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ଉଲ୍ଲେଖ କରି **କ୍ଷେତ୍ରୀୟ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର-୨ କ୍ଷେତ୍ର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**ଠାରେ **ତା.୨୫.୦୨.୨୦୨୧ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ପ୍ରସ୍ତାବମାନ ଦାଖଲ କରିପାରିବେ। ପବ୍ଲିକ୍ ସେକ୍ଟର ୟୁନିଟ୍/ସରକାରୀ ବିଭାଗ ଗୁଡିକ ଅଧିନସ୍ଥ ପରିସରକୁ ଅଗ୍ରାଧିକାର ଦିଆଯିବ। (ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ **www.bankofbaroda.com** ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୭୦୭୭୭୨୭୦୨୮ରେ ଯୋଗାଯୋଗ କରନ୍ତୁ।
ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ସଂଶୋଧନ ପତ୍ର / ଯୋଗପତ୍ର (ଯଦି କିଛି ଥାଏ) କେବଳ ବ୍ୟାଙ୍କ ୱେବସାଇଟ୍‌ରେ ପ୍ରଦାନ କରାଯିବ।

ତାରିଖ:୦୫.୦୨.୨୦୨୧ କ୍ଷେତ୍ରୀୟ ପ୍ରବନ୍ଧକ


# ୧୧ରେ ପିଜି ସ୍ପଟ୍ ନାମଲେଖା-୨

**୬ରେ ମେଧା ତାଲିକା ପ୍ରକାଶ ପାଇବ**

ଭୁବନେଶ୍ୱର,୪।୨(ବ୍ୟୁରୋ)

ପୋଷ୍ଟ ଗ୍ରାଜୁଏଟ(ପିଜି) ପାଇଁ ସ୍ପଟ୍ ନାମଲେଖା-୨ ନିମନ୍ତେ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନାମଲେଖା ନେଇ ପ୍ରସ୍ତୁତ ଗାଇଡ୍‌ଲାଇନ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଅଧ୍ୟକ୍ଷ, ଡିଗ୍ରୀ କଲେଜଗୁଡ଼ିକର ଅଧ୍ୟକ୍ଷଙ୍କୁ ଜଣାଇ ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଫେବୃୟାରୀ ୬ରେ ମେଧା ତାଲିକା (ମେରିଟି ଲିଷ୍ଟ) ପ୍ରକାଶ ପାଇବ। ୮ ଓ ୯ ତାରିଖରେ ପ୍ରାର୍ଥୀମାନଙ୍କର ମେଧା ତାଲିକା ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଓ କଲେଜକୁ ପଠାଇ ଦିଆଯିବ। ୧୦ ତାରିଖ ମଧ୍ୟାହ୍ନ ୧ଟା ସୁଦ୍ଧା ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡିକ ଚୟନ ତାଲିକା ପ୍ରକାଶ କରିବେ। ୧୧ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଚୂଡ଼ାନ୍ତ ପ୍ରାର୍ଥୀମାନଙ୍କର ନାମଲେଖା କରାଯିବ। ୧୨ ତାରିଖ ଅପରାହ୍ନ ୫ଟା ସୁଦ୍ଧା ସାମ୍‌ସ ପୋର୍ଟାଲରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କର ତାଲିକାକୁ ଅପ୍‌ଡେଟ କରିବାକୁ କୁହାଯାଇଛି।

ମାର୍କ ଆଧାରରେ ମେଧା ତାଲିକା ପ୍ରସ୍ତୁତ କରିବାକୁ ଗାଇଡ୍‌ଲାଇନରେ କୁହାଯାଇଛି। ବିଷୟ ଅନୁଯାୟୀ ପ୍ରସ୍ତୁତ ମେଧା ତାଲିକାକୁ ସାମ୍‌ସରେ ଅପ୍‌ଲୋଡ କରିବାକୁ ପରାମର୍ଶ ଦିଆଯାଇଛି। ପ୍ରାର୍ଥୀମାନଙ୍କୁ ଏସ୍‌ଏମ୍‌ଏସ୍ ଜରିଆରେ ନାମଲେଖା ପାଇଁ ଜଣାଇ ଦିଆଯିବ। ମେଧା ତାଲିକାରେ ଥିବା ପ୍ରାର୍ଥୀମାନେ କେଉଁ ତାରିଖ ଓ ସମୟରେ ନାମ ଲେଖାଇବେ ସେ ନେଇ ଜଣାଇବା ସହ ପ୍ରାର୍ଥୀମାନଙ୍କର ଉପସ୍ଥାନ, ଫୋନ୍ ନମ୍ବର ଏବଂ ଇ-ମେଲ୍ ଆଇଡି ରଖିବାକୁ କୁହାଯାଇଛି। ତେବେ ସ୍ପଟ୍ ନାମ ଲେଖା ପାଇଁ ସ୍ଲାଇଡ୍ ଅପ୍ ଅପଶନ ନ ବାଛିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାର୍ଥୀମାନଙ୍କର ରିପୋର୍ଟିଂ ସମୟ ପରେ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ଖାଲିଥିବା ସିଟ୍‌ଗୁଡିକ ସମ୍ପର୍କରେ ନୋଟିସ ବୋର୍ଡରେ ପ୍ରକାଶ କରିବାକୁ କୁହାଯାଇଛି। ପ୍ରାର୍ଥୀମାନେ ଅତିବେଶିରେ ଗୋଟିଏ ଶିକ୍ଷାନୁଷ୍ଠାନ ଓ ବିଷୟକୁ ବାଛିପାରିବେ। ଯଦି କୌଣସି କାରଣରୁ ଏକାଧିକ ଦେଇଥିବେ ତେବେ ଗୋଟିଏ ବିଷୟ ଓ ଶିକ୍ଷାନୁଷ୍ଠାନକୁ ଚୂଡ଼ାନ୍ତ କରିବାକୁ ପଡ଼ିବ। ଏହା ଛଡ଼ା ଅନ୍ୟ ସବୁକୁ ବ୍ଲକ୍ କରି ଦିଆଯିବ। ଯଦି ୧୧ ତାରିଖ ନାମଲେଖା ପରେ ସିଟ୍ ଖାଲି ପଡିବ ତେବେ ଫେବୃୟାରୀ ୨୦ ତାରିଖ ଯାଏ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ନାମଲେଖା ପ୍ରକ୍ରିୟାକୁ ଜାରି ରଖିପାରିବେ।

**ହାଇକୋର୍ଟରେ ନୟାଗଡ଼ ଚିନିକଳର ଶୁଣାଣି**

# ସତ୍ୟପାଠ, ସମ୍ପତ୍ତି ଆକଳନ ତାଲିକା ଦାଖଲ

ନୟାଗଡ଼ ଅଫିସ,୪।୨

ହାଇକୋର୍ଟରେ ମୁଖ୍ୟ ବିଚାରପତି ଡକ୍ଟର ଏସ୍. ମୁରଲୀଧର ଓ ବିଚାରପତି ବିଶ୍ୱରଞ୍ଜନ ରଥଙ୍କୁ ନେଇ ଦୁଇଜଣିଆ ଖଣ୍ଡପୀଠ ଗୁରୁବାର ନୟାଗଡ଼ ଚିନିକଳର ଭିଡିଓ କନ୍‌ଫରେନ୍ସ ମୋଡ୍‌ରେ ଶୁଣାଣି କରିଛନ୍ତି। ନୟାଗଡ଼ ଜିଲାପାଳ ପୋମା ଟୁଡୁ ଓ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ସବିର ପଣ୍ଡା ଓକିଲଙ୍କ ଜରିଆରେ ଜାନୁୟାରୀ ୨୮ରେ ହୋଇଥିବା ଚିନିକଳ ସମ୍ପତ୍ତି ଆକଳନ ତାଲିକା ଦାଖଲ ସହ ବ୍ୟକ୍ତିଗତ ସତ୍ୟପାଠ ଦାଖଲ କରିଥିଲେ। ଅପରପକ୍ଷରେ ଜିଲାପାଳ ଓ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକଙ୍କ ସତ୍ୟପାଠ ଉପରେ ସାନିଜବାବ ଦାଖଲ କରିବା ପାଇଁ ନୟା ସୁଗାର କମ୍ପ୍ଲେକ୍ସ ଲିମିଟେଡର ମାଲିକ ତ୍ରୈଲୋକ୍ୟ ମିଶ୍ର ଖଣ୍ଡପୀଠଙ୍କ ଅନୁମତି ଲୋଡିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୨କୁ ସ୍ଥିର ହୋଇଛି। ତେବେ ଶୁଣାଣି ଚାଲିଥିବା ସମୟରେ ନୟାଗଡ଼ର ଆଇନଜୀବୀ ରଣଜିତ ଦାଶଙ୍କ ଦ୍ୱାରା ୧୮୬୯/୧।୨।୨୦୨୧ରେ ଦାଖଲ ହୋଇଥିବା ଇଣ୍ଟର ଭେନ୍‌ସନ ପିଟିଶନକୁ ଖଣ୍ଡପୀଠ ବିଚାର ପାଇଁ ଗ୍ରହଣ କରିବା ସହ ପ୍ରତିପକ୍ଷ ୟୁକୋ ବ୍ୟାଙ୍କ, ଜିଲାପାଳ, ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୨ ଧାର୍ଯ୍ୟ ହୋଇଥିବାବେଳେ ସେହିଦିନ ଇଣ୍ଟରଭେନ୍‌ସନ ପିଟିଶନର ଜବାବ ଦାଖଲ ପାଇଁ କୁହାଯାଇଛି।

ଆଇନଜୀବୀ ରଣଜିତ୍ ଦାଶ ହାଇକୋର୍ଟରେ କରିଥିବା ଆବେଦନରେ ଦର୍ଶାଇଛନ୍ତି, ନୟାଗଡ଼ ଜିଲାରେ ୩୦ହଜାର ଆଖୁଚାଷୀ ପାଣିପୋଇଲାସ୍ଥିତ ନୟାଗଡ଼ ଚିନିକଳ ଉପରେ ନିର୍ଭରଶୀଳ ଥିଲେ। ଏଥିରେ ୧ଲକ୍ଷ ୨୦ହଜାର ଟନ ଆଖୁ ପେଡ଼ା ଯାଉଥିଲା। ଜିଲାର ହଜାର ହଜାର ଚାଷୀଙ୍କ ଅର୍ଥନୈତିକ ଅବସ୍ଥାରେ ସ୍ୱଚ୍ଛଳତା ଆସିଥିଲା। ଚିନିକଳ ବନ୍ଦ ହେବାପରଠାରୁ ଆଖୁ ଚାଷୀ ଓ ଚିନିକଳ କର୍ମଚାରୀ ବକେୟା ପ୍ରାପ୍ୟ ପାଇ ନାହାନ୍ତି। ଏପରି କି ସୁରକ୍ଷା ଅଭାବରୁ ଚିନିକଳରୁ ୨୫ କୋଟି ଟଙ୍କାର ପ୍ଲାଣ୍ଟ ମେଶିନାରୀ ଚୋରି ହୋଇଯାଇଛି। ଏହି ମୂଲ୍ୟବାନ ଯନ୍ତ୍ରାଂଶ ଉଦ୍ଧାର କରିବାକୁ ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠନ ସହ ଚିନିକଳରେ ପୋଲିସ ମୁତୟନ କରି ସୁରକ୍ଷା ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ତେବେ କୋର୍ଟଙ୍କ ନିର୍ଦ୍ଦେଶ ଏଯାବତ୍ କାର୍ଯ୍ୟକାରୀ ହୋଇ ନାହିଁ। ଇତିମଧ୍ୟରେ ଆଖୁଚାଷୀମାନେ କାମ ହରାଇ ଦାଦନ ଚାଲିଗଲେଣି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରିଥିବା ଜିଲାପାଳଙ୍କ ବିରୋଧରେ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବା ପାଇଁ ଇଣ୍ଟରଭେନ୍‌ଶନ ପିଟିଶନରେ ଉଲ୍ଲେଖ ରହିଛି। ପୁଣି ୨୫କୋଟି ଟଙ୍କାର ଯନ୍ତ୍ରାଂଶ ଚୋରିର ତଦାରଖ ପାଇଁ ହାଇକୋର୍ଟଙ୍କ ଦ୍ୱାରା ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ, ଚିନିକଳକୁ ପୁନଃରୁଦ୍ଧାର କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଆଖୁଚାଷୀ ଓ ଚିନିକଳ କର୍ମଚାରୀମାନଙ୍କ ବକେୟା ପ୍ରାପ୍ୟ ପାଇବାର ବ୍ୟବସ୍ଥା କରିବାକୁ ଆବେଦନରେ ଦର୍ଶାଯାଇଛି।



- ଇଣ୍ଟରଭେନ୍‌ସନ୍‌ର ଆବେଦନ ବିଚାର ପାଇଁ ଗ୍ରହଣ
- ପୁଣି ଜିଲାପାଳ ଓ ଚିନିକଳର ପରିଚାଳନା ନିର୍ଦ୍ଦେଶକଙ୍କୁ ନୋଟିସ୍


**Sambalpur University Institute of Information Technology**
**Jyoti Vihar, Burla, Sambalpur, Odisha - 768019**

SUIIT

Advt. No. 99 / SUIIT Date. 03/ 02/ 2021

**WALK-IN-INTERVIEW**

Walk-in-interview is going to be held at SUIIT on date and time mentioned against each for the following teaching post on contractual basis for one semester (i.e. up to 31st May, 2021) with a consolidated remuneration.

| Name of the Post | No. of post | Date & time of Interview | Reporting time |
|---|---|---|---|
| Asst. Prof. in Mathematics | 01 | 09.02.2021 at 11.00 AM | 9.00 AM |

The details of qualifications, remuneration structure and application form are available at our website www.suiit.ac.in.

Sd/-
Director, SUIIT



**ODISHA ELECTRICITY REGULATORY COMMISSION**

Bidyut Niyamak Bhawan, Plot No. 4, Chunokoli, Sailashree Vihar, Bhubaneswar-751021
E-mail : orierc@rediffmail.com, Website :www.orierc.org

**MODIFICATION OF PUBLIC NOTICE**

**Case No. 76 of 2020**

Hearing Of NESCO Utility's Application on Aggregate Revenue Requirement (ARR), Wheeling Tariff & Retail Supply Tariff For the FY 2021-22 under S.62 of the Electricity Act, 2003 read with OERC (Terms and Conditions for Determination of Wheeling Tariff and Retail Supply Tariff) Regulations, 2014.

In modification to the notice published in the newspapers on 31.01.2021 (Indian Express, Dharitri and Prameya) by OERC, it is hereby notified that pursuant to the Public Notice in the English and Odia dailies by NESCO Utility on 19.12.2020 with regard to its Aggregate Revenue Requirement, Wheeling Tariff & Retail Supply Tariff for the Financial Year 2021-22, the aforesaid applications will now be taken up for both admission and hearing along with another Case No. 80 of 2020 (for determination of open access charges for FY 2021-22) on 17.02.2021 at 10.30 AM in the Durbar Hall, Colletorate, Keonjhar-768001. The objections/ suggestions filed by the Organization/Persons whose names appear in this notice against the above stated application of NESCO Utility have been admitted by the Commission for hearing.

Both the applicant (NESCO Utility) and the Organizations/Persons whose objections/ suggestions are admitted by the Commission for hearing are hereby directed to be present in person or through their authorized representatives or duly constituted attorney before the Commission on the date, time & place mentioned above. Since, the hearing is taking place in the supply area of (NESCO Utility) and for the convenience of the consumers of the licensed area, the Commission has been pleased to allow such interested persons to put forth their objection/suggestion during hearing who shall register their name at Licensee's head quarter office by 15.02.2021. If any person is interested to take part in the hearing through virtual mode, he can do so by sending their e-mail ID/Whats app number one day before the hearing on e- mail address oerc.vc@gmail.com to facilitate providing links for hearing.

Dated:04.02.2021

By Order of the Commission
Sd./- SECRETARY

**N.B.:** (i) The above public notice with list of Organizations/Persons whose objections/suggestions have been admitted by the Commission for hearing is also available in OERC website **www.orierc.org**.

**NESCO Utility**

| | |
|---|---|
| 1 | Shri. Akshya Kumar Sahani, Retd. Electrical Inspector, GoO, B/L-108, VSS Nagar, Bhubaneswar - 75007. |
| 2 | M/s. Balasore Alloys Limited, Balgopalpur, Balasore-756020, Odisha. |
| 3 | Principal Chief Electrical Engineer, East Coast Railway, Rail Sadan, Chandrasekharpur, Bhubaneswar - 751017. |
| 4 | Sri Ananda Kumar Mohapatra, Power Analyst, S/o-Jachindranath Mohapatra, Plot No. 639/1021, Lane-2, Laxmi Vihar, P.O.- Bankual, Tankapani Road, P.S.- Saheed Nagar, Bhubaneswar, Dist.- Khurda - 751002. |
| 5 | M/s. Grinity Power Tech Pvt. Ltd., At-K-8-82, Kalinganagar, Ghatikia, Bhubaneswar-751029. |
| 6 | M/s. Visa Steel Limited, Kalinga Nagar Industrial Complex, At/P.O.- Jakhapura - 755026, Dist.- Jajpur, Odisha. |
| 7 | Shri Ramesh Ch. Satpathy, Secretary, National Institute of Indian Labour & President,Upobhokta Mahasangha, Plot No. 302(B), Beherasahi, Nayapalli, Bhubaneswar - 751012. |
| 8 | Er. (Dr.) P.K.Pradhan, Duplex-244, Manorama Estate, Rasulgarh, Bhubaneswar - 751010. |
| 9 | M/s. Indian Energy Exchange, Plot No. C-001/A/1, 9th Floor, Max Towers, Sector-16B, Noida, Gautam Buddha Nagar, Uttar Pradesh - 201301. |
| 10 | M/s. Tata Steel Limited, Kalinganagar Industrial Complex, Duburi, JK Road, Dist.-Jajpur - 755026. |
| 11 | Sri Prabhakar Dora, 3rd Lane, Vidya Nagar, Co-Operative Colony, Rayagada, Dist.- Rayagada - 765001. |
| 12 | Prasanta Kumar Panda, District Executive Member, BJP, At- Goudapada, P.O.- Jamujhadi, Via-Simulia, Dist.- Balasore - 756126. Email.ID-**prasantakp44@gmail.com** |


# ଭୁବନେଶ୍ୱରରୁ ସ୍କୁଟି, ପ୍ୟାଣ୍ଟଶାର୍ଟ ଜବତ

**ଝରାଫୁଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

ଭୁବନେଶ୍ୱର (ବ୍ୟୁରୋ), ଯାଜପୁର ଅଫିସ/ ରସୁଲପୁର, ୪।୨(ଡି.ଏନ୍.ଏ.)

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକ(୨୧)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୯ଦିନ ବିତିଛି। ଦୁଇ ଥାନା ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଗୁରୁବାର କୁଆଖିଆ ପୋଲିସକୁ ଆଉ ଏକ ସଫଳତା ମିଳିଛି। ଭୁବନେଶ୍ୱରରୁ ଯାଜପୁରକୁ ମୃତଦେହ ବୋହିବାରେ ବ୍ୟବହୃତ ସ୍କୁଟି (ନଂ.ଓଡି୦୨ବିପି୭୮୮୫) ଓ ଘଟଣାଦିନ ଅଭିଯୁକ୍ତମାନେ ପିନ୍ଧିଥିବା ପ୍ୟାଣ୍ଟଶାର୍ଟକୁ ପୋଲିସ ଜବତ କରିଛି। ବୁଧବାର ତଦନ୍ତ ପାଇଁ ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ଝରାଫୁଲଙ୍କ ପ୍ରେମିକ ରାକେଶ ସ୍ୱାଇଁଙ୍କୁ ନେଇ ଭୁବନେଶ୍ୱର ଯାଇଥିଲା। ସୁନ୍ଦରପଦା ଅଞ୍ଚଳରେ ପହଞ୍ଚିବାବେଳେ ତାଙ୍କର ସବୁ ମିଛ ଧରା ପଡିଯାଇଥିଲା। ପୂର୍ବରୁ ସେ ସ୍କୁଟିକୁ ପିପିଲି ଅଞ୍ଚଳରେ ଲୁଚାଇ ରଖିଥିବା ପୋଲିସକୁ କହିଥିଲେ। ମାତ୍ର ଘଟଣାର ରିକ୍ରିଏଶନବେଳେ ପୋଲିସ ଆଗରେ ରାକେଶ ସତ ଓଗାଳି ଥିଲେ। ମୃତଦେହକୁ ଫିଙ୍ଗି ଦେଇ ଆସିବା ପରେ ସ୍କୁଟିକୁ ସେ ଘରଠାରୁ ଅନତି ଦୂର ଧୋବାଛକସ୍ଥିତ ଦୁଇଟି ପୋଖରୀ ହୁଡାରେ ଥିବା ବାଲିଗଦା ପାଖକୁ ନେଇ ପଲିଥିନ ଘୋଡାଇ ରଖିଥିଲେ। ଧରା ନ ପଡ଼ିବା ପାଇଁ ସ୍କୁଟିର ନମ୍ବର ପ୍ଲେଟଟିକୁ ଖୋଲି ଡିକି ଭିତରେ ରଖିଦେଇଥିଲେ। ଏପରିକି ରଙ୍ଗ ବଦଳାଇବା ସହ ବିକ୍ରି ପାଇଁ ମଧ୍ୟ ଯୋଜନା କରିଥିଲେ। ତେବେ ପୋଲିସ ଉକ୍ତ ସ୍କୁଟିକୁ ଠାବ କରିବା ପରେ କାଗଜପତ୍ର ଯାଞ୍ଚ କରିଥିଲା। ଗତ ଜାନୁୟାରୀ ୧୧ରେ ରାକେଶ ନିଜ ନାମରେ ଗାଡିଟିକୁ କିଣିଥିବା ଜଣାପଡିଛି। ଏଥିସହ ରାକେଶଙ୍କ ପ୍ୟାଣ୍ଟଶାର୍ଟକୁ ତାଙ୍କ ଘରୁ ଜବତ କରି ପରୀକ୍ଷା ପାଇଁ ପଠାଇଛି। ଉକ୍ତ ପୋଷାକରୁ କିଛି ସୁରାକ ମିଳିପାରେ ବୋଲି ପୋଲିସ ଆଶା ବାନ୍ଧିଛି। ଅନ୍ୟପକ୍ଷରେ ମୃତା ଝରାଫୁଲଙ୍କ ମୋବାଇଲ ଫୋନ୍ ଏଯାଏ ଠାବ କରିପାରିନି ପୋଲିସ। ଅଭିଯୁକ୍ତ ଦେଖାଇଥିବା ସ୍ଥାନରୁ ତାହା ମିଳି ନ ଥିବାରୁ ପୋଲିସ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଅଭିଯୁକ୍ତ ପୋଲିସକୁ ମିଛ କହିଥାଇପାରେ ବୋଲି ଅନୁମାନ କରାଯାଉଛି। ଗୁରୁବାର ରାକେଶଙ୍କ ରିମାଣ୍ଡ ଅବଧି ଶେଷ ହୋଇଛି । ତେବେ ଅଭିଯୁକ୍ତ ଏଯାଏ ସତ କଥା କହୁ ନ ଥିବାରୁ ପୋଲିସ ଆହୁରି ଅଧିକ ଦିନ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିପାରେ ବୋଲି ସୂଚନା ମିଳିଛି।

ସେହିପରି ରାକେଶଙ୍କ ସହଯୋଗୀ ଏବେବି ଫେରାର ଅଛନ୍ତି। ସେ ବାରମ୍ବାର ସ୍ଥାନ ବଦଳାଉଥିବା ଜଣାପଡିଛି। ମୋବାଇଲ୍ ଫୋନ୍ ବନ୍ଦ ରହିଥିଲେ ମଧ୍ୟ ସେ ଏଟିଏମ୍‌ରୁ ଟଙ୍କା ଉଠାଉଥିବାରୁ ଆସୁଥିବା ମେସେଜ୍‌ରୁ ପୋଲିସ ତାଙ୍କ ଉପରେ କଡ଼ା ନଜର ରଖିଛି। ଖୁବ୍‌ଶୀଘ୍ର କିପରି ତାଙ୍କୁ ଗିରଫ କରାଯିବ ସେନେଇ ଖଣ୍ଡଗିରି ଥାନା ପୋଲିସ ଓ ଗଠିତ ସ୍ୱତନ୍ତ୍ର ଟିମ୍ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ସେ ଧରାପଡିବା ପରେ ଉଭୟଙ୍କୁ ମୁହାଁମୁହିଁ ପଚରାଉଚରା କରିବାକୁ ଯୋଜନା ରଖିଛି। ଏହା ଭିତରେ ଶବ ବ୍ୟବଚ୍ଛେଦ ରିପୋର୍ଟ ତଦନ୍ତ ଅଧିକାରୀଙ୍କ ପାଖରେ ପହଞ୍ଚିଥିଲେ ମଧ୍ୟ ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ପ୍ରକାଶ କରାଯାଉ ନାହିଁ। ଏପଟେ ଭିସେରା ରିପୋର୍ଟକୁ ମଧ୍ୟ ଅପେକ୍ଷା କରାଯାଇଛି। ଏହାପରେ ୨୬ ତାରିଖ ରାତିରେ ଭୁବନେଶ୍ୱର ଖଣ୍ଡଗିରି ଥାନା ଧର୍ମବିହାରସ୍ଥିତ ଗେଷ୍ଟହାଉସ୍ ରୁମ୍ ନଂ.୨୦୧ରେ ଝରାଫୁଲଙ୍କ ସହିତ କ'ଣ ସବୁ ଘଟିଥିଲା ଓ ତାଙ୍କର ମୃତ୍ୟୁ କେମିତି ହୋଇଥିଲା ତାହାର ରହସ୍ୟ ଉନ୍ମୋଚନ ହେବ ବୋଲି ପୋଲିସ କହିଛି।

୩ ଦିନିଆ ରିମାଣ୍ଡର ଶେଷଦିନରେ ମୁଖ୍ୟ ଅଭିଯୁକ୍ତ ରାକେଶଙ୍କୁ ମାରାଥନ ଜେରା କରାଯାଇଛି। କୁଆଖିଆ ଥାନାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାଉରୀ ବନ୍ଧୁ ବେହେରା ଓ ତଦନ୍ତ ଅଧିକାରୀ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ ପହଞ୍ଚି ରାକେଶଙ୍କ ସମେତ ତାଙ୍କ ଭାଇ ଓ ଅନ୍ୟଜଣେ ସମ୍ପର୍କୀୟ ଭାଇଙ୍କୁ ଆଣି ଥାନାରେ ପଚରାଉଚରା କରିଛି। ତେବେ ଦୁଇ ଭାଇଙ୍କୁ ଜେରା ପରେ ରାତିରେ ଛାଡି ଦିଆଯାଇଥିବା ସୂଚନା ମିଳିଛି।

- ରାକେଶଙ୍କ ଭାଇ, ସମ୍ପର୍କୀୟ ଭାଇଙ୍କୁ ଯାଜପୁର ନେଇ ପଚରାଉଚରା
- ଏଟିଏମ୍ ଟଙ୍କା ଉଠାଣ ଫେରାର ସହଯୋଗୀଙ୍କୁ ଧରାଇବ



## ଦୁର୍ଘଟଣାରେ ଜଣେ ଗୁରୁତର

ପାଣିକୋଇଲି,(ଡି.ଏନ.ଏ.): ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଟୋଲ ପ୍ଲାଜା ନିକଟରେ ବୁଧବାର ରାତିରେ ଏକ କାର ପଛରେ ଟ୍ରକ୍ ଧକ୍କା ହୋଇଥିଲା। ଫଳରେ କାରଟି ଯାଇ ଆଗରେ ଥିବା ଏକ କଣ୍ଟେନରକୁ ଧକ୍କା ଦେଇଥିଲା। ଯଦ୍ଦ୍ୱାରା କାର୍‌ରେ ଥିବା ଜଣେ ବ୍ୟକ୍ତି ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଗୁରୁତର ବ୍ୟକ୍ତି ପୁରୀ ଜିଲା ଗୋପ ଅଞ୍ଚଳର ବୋଲି ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଫେରାର ହୋଇଯାଇଥିବା ପୋଲିସ କହିଛି।

## ଆଜି କ'ଣ କେଉଁଠି

**ନୟାଗଡ଼**

- ସୁଧା ସାଂସ୍କୃତିକ ପରିଷଦର ତୃତୀୟ ଅର୍ଘ୍ୟ 'ଅନେକ ଛାଇ ଅସରନ୍ତି ଅନ୍ଧାର'। ସ୍ଥାନ-ପଠାଣିସାମନ୍ତ ଅଡିଟୋରିୟମ, ସମୟ- ସନ୍ଧ୍ୟା-୭ଟା।

**ମହାକାଳପଡ଼ା**

- ସେତୁ ଉଦ୍‌ଘାଟନ, ପାଲଣାଦଶିପୁର, ମହାକାଳପଡ଼ା, ପୂର୍ବାହ୍ନ ୧୦।

**ଯାଜପୁର**

- ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ବାଳାଶ୍ରମ ପଡିଆ, ପୂର୍ବାହ୍ନ ୧୧ଟା
- ବ୍ୟାସନଗର ଜମି ସୁରକ୍ଷା କମିଟି ସହ ବ୍ୟାସନଗର ତହସିଲଦାରଙ୍କ ସହ ବୈଠକ, ବ୍ୟାସନଗର ତହସିଲ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା
- ୧୭ଟି ପୌର ପରିଷଦର କ୍ଲଷ୍ଟର ବୈଠକ, ,ବ୍ରାହ୍ମଣୀ ହୋଟେଲ, ବ୍ୟାସନଗର, ପୂର୍ବାହ୍ନ ୧୧ ଟା

**ନାଉଗାଁ**

- ପଞ୍ଚାୟତ ସମିତି ବୈଠକ, ନାଉଗାଁ ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ସାଢେ ୧୦ଟା।

## ସଂକ୍ଷେପରେ

### ଗାଙ୍ଗୀପୀଠରେ ହେବ ଓଳାଶୁଣୀ ଗୁମ୍ଫା ମହୋତ୍ସବ

ଚଣ୍ଡିଖୋଲ,୪ା୨(ଡି.ଏନ.ଏ.): ଅଷ୍ଟମ ରାଜ୍ୟସ୍ତରୀୟ ଓଳାଶୁଣୀ ଗୁମ୍ଫା ମହୋତ୍ସବ ଆସନ୍ତା ୭ତାରିଖରେ ଅନୁଷ୍ଠିତ ହେବ। ତେବେ ଚଳିତବର୍ଷ ଏହି ଆଧାତ୍ମିକ ମହୋତ୍ସବ ଓଳାଶୁଣୀ ନିକଟରେ ଥିବା ପ୍ରାଚୀନ ପୌରାଣିକସ୍ଥଳୀ ଗାଙ୍ଗୀ ପୀଠରେ କରାଯିବ। ଓଳାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସ ଏବଂ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ମହୋତ୍ସବରେ ବିଶ୍ୱ ଦିବ୍ୟଜୀବନ ସଂଘ ଋଷିକେଶର ସଦସ୍ୟ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀଙ୍କୁ ସନ୍ଥ ଅରକ୍ଷିତ ଦାସ ସମ୍ମାନ ଏବଂ ନିରଳସ ସାଧକ ତଥା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବାକୁ ଥିବା ନନ୍ଦକିଶୋର ପୃଷ୍ଟିଙ୍କୁ ମା'ଓଳାଶୁଣୀ ସମ୍ମାନ ସହ ସାଧୁସନ୍ଥମାନଙ୍କୁ ଗାଙ୍ଗୀ ସନ୍ଥ ସମ୍ମାନରେ ସମ୍ମାନିତ କରାଯିବ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ସଂସ୍କୃତି ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେବେ। କୋଭିଡ୍ କଟକଣା ପାଇଁ ଚଳିତବର୍ଷ ଏହି କାର୍ଯ୍ୟକ୍ରମ ଓଳାଶୁଣୀ ଗୁମ୍ଫା ପରିବର୍ତ୍ତେ ଗାଙ୍ଗୀ ପୀଠରେ ସାମାଜିକ ଦୂରତା ସହ ହେବ ବୋଲି ଓଳାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସ ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ ଓ ଟ୍ରଷ୍ଟି ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ସୂଚନା ଦେଇଛନ୍ତି।

### ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ଭୂମିପୂଜନ

ଜେନାପୁର,୪ା୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଜେନାପୁର ପଞ୍ଚାୟତ ଅଧୀନ ବ୍ରାହ୍ମଣୀ ନଦୀକୂଳରେ ଥିବା ବାଲିଯାତ୍ରା ପଡ଼ିଆଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନିମନ୍ତେ ଭୂମିପୂଜା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ବ୍ରଜକିଶୋର ସାମଲ କର୍ତ୍ତା ଭାବେ ପୂଜା କରିଥିଲେ। ଉତ୍କଳମଣି ସେବା ସଙ୍ଗଠନ ସଭାପତି ଶରତ ଚନ୍ଦ୍ର ମହାନ୍ତି, ଉପସଭାପତି କ୍ଷେତ୍ରବାସୀ ରାଉତ, ସମ୍ପାଦକ ସୁଶାନ୍ତ କୁମାର ଖିଟୁଆ, ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଜେନାପୁର ପାଇଁ ଗୋପବନ୍ଧୁଙ୍କ ବହୁ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ।

### ଭଲିବଲ ଟୁର୍ନାମେଣ୍ଟ: ବନମାଳୀପୁର ଚାମ୍ପିୟନ

ବାଲିଚନ୍ଦ୍ରପୁର,୪ା୨(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ସଉଡିଆ ଗ୍ରାମର ନବଜାଗରଣ ୟୁଥ କ୍ଲବ୍ ପରିସରରେ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବନମାଳୀପୁର ଓ ସାଉଡିଆ ମଧ୍ୟରେ ହୋଇଥିଲା। ଏଥିରେ ବନମାଳୀପୁର ଚାମ୍ପିୟନ ହୋଇଛି। କ୍ଲବ ସଭାପତି ବରଦା ପ୍ରସାଦ ରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜନାରାୟଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ସରପଞ୍ଚ ଅନିଲ କୁମାର ପରିଡ଼ା, ତୁଷାରକାନ୍ତ ଜେନା, ବିପିନ ବିହାରୀ ଦକ୍ଷୀଣରାୟ, ନଟବର ପରିଡ଼ା, କ୍ଲବ ସମ୍ପାଦକ ସଞ୍ଜୟ ପରିଡ଼ା, ବିରଞ୍ଚି ବାରିକ, ରାଜେନ୍ଦ୍ର ପ୍ରସାଦ ରାୟ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଶୁଭେନ୍ଦୁ ରାୟ ଓ ବ୍ରଜ କିଶୋର ଜେନା ଖେଳ ପରିଚାଳନା କରିଥିଲେ।

# ବୈତରଣୀ ସେତୁ ପ୍ରତି ବିପଦ

■ଦବିଲାଣି ୧୦, ୨୩ ନଂ. ସ୍ପାନ୍

■କାଳ ହୋଇଛି ବାଲି ବୋଝେଇ ଟ୍ରକ୍ ଚଳାଚଳ

ଯାଜପୁର ଅଫିସ/କୋରେଇ (ସ୍ୱ.ପ୍ର.),୪ା୨

ଯାଜପୁର, କେନ୍ଦୁଝର ଓ ଭଦ୍ରକ ଜିଲାର ସୀମାରେଖା ଭାବେ ବୈତରଣୀ ନଦୀ ପରିଚିତ। ଏହି ୩ ଜିଲା ମଧ୍ୟରେ ଗମନାଗମନ ଓ ଯୋଗାଯୋଗର ଏକମାତ୍ର ମାଧ୍ୟମ ହୋଇଛି ବୈତରଣୀ ସେତୁ। ବହୁ ଦାବି ପରେ ମୁଖ୍ୟମନ୍ତ୍ରୀ ୨୦୧୩ରେ ବୈତରଣୀ ସେତୁର ଲୋକାର୍ପଣ କରିଥିଲେ। ଏବେ ସେତୁର ସମୁଦାୟ ୨୫ ସ୍ପାନ୍ ମଧ୍ୟରୁ ୧୦ ଓ ୨୩ ନମ୍ବର ପିଲର ପ୍ରାୟ ୬ ଇଞ୍ଚ ଦବି ଯାଇଛି। ଫଳରେ ସେତୁର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି । ତଥାପି ସେତୁ ଦେଇ ବାଲି ବୋଝେଇ ଭାରିଯାନ ଚଳାଚଳ କରୁଛି । ଏଥିଯୋଗୁ ସେତୁ ପ୍ରତି ବିପଦ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଯାଜପୁର, କେନ୍ଦୁଝର ଓ ଭଦ୍ରକ ଜିଲାର ପ୍ରାୟ ୨୦ ପଞ୍ଚାୟତବାସୀ ବୈତରଣୀ ନଦୀ ଉପରେ ସେତୁ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି କରି ଆସୁଥିଲେ। ଶେଷରେ ସେହି ଦାବିକୁ ସରକାର ଗ୍ରହଣ କରିଥିଲେ । କୋରାଇ ବ୍ଲକର ମୁକୁନ୍ଦପୁର ପଞ୍ଚାୟତ ଅଧୀନ ମଥୁରାପୁରରେ ବୈତରଣୀ ସେତୁ ନିର୍ମାଣକୁ ମଞ୍ଜୁରୀ ମିଳିଥିଲା । କୃଷି, ବ୍ୟବସାୟ, ଗମନାଗମନ ଓ ଯୋଗାଯୋଗ କ୍ଷେତ୍ରରେ ଗୁରୁତ୍ୱ ବହନ କରୁଥିବା ଏହି ସେତୁ ଏବେ ଦୁର୍ବଳ ହେବାରେ ଲାଗିଛି । ୩ ଜିଲାକୁ ସଂଯୋଗ କରୁଥିବା ଏହି ସେତୁ ପ୍ରତି ପ୍ରଶାସନିକ ଅଧିକାରୀମାନଙ୍କ ବେପରୁଆ ନୀତି ଓ ବାଲି ମାଫିଆଙ୍କ ବେଫିକର ଭାରିଯାନ ଚଳାଚଳ କାଳ ହୋଇଛି । ଏହି ସେତୁ ଉପରେ ଭାରିଯାନ ଚଳାଚଳକୁ ପୂର୍ତ୍ତ ବିଭାଗ ତରଫରୁ ନିଷିଦ୍ଧ କରାଯାଇଥିବା ବେଳେ ବାଲିବ୍ୟବସାୟୀମାନେ ଏହାକୁ ମାନୁ ନାହାନ୍ତି । ସେତୁର ସ୍ପାନ୍ ଦବୁ କି ଭାଙ୍ଗିପଡୁ ସେଥିପ୍ରତି ସେମାନଙ୍କ ଖାତିରି ନାହିଁ ।

ବୈତରଣୀ ନଦୀ ବାମପାଖ କେନ୍ଦୁଝର ଜିଲା ହାଟଡିହ ତହସିଲର ହାବଳେଶ୍ୱର, ଡିମିରିଆ, ଜମ୍ବରା ବାଲିଘାଟ ସମେତ ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ମୁକୁନ୍ଦପୁର ପଞ୍ଚାୟତର ୩ ବାଲିଘାଟରେ ଏବେ ମେଶିନ ସହାୟତାରେ ନିର୍ଦ୍ଧାରିତ ପରିମାଣଠାରୁ ବହୁ ଗୁଣରେ ବାଲି ଉତ୍ତୋଳନ କରାଯାଉଛି। ଏପରି କି ସେତୁର ଅତି ନିକଟରୁ ବାଲି ଉଠାଯାଇ ବିନା ରୋଡ ମ୍ୟାପ୍‌ରେ ମଥୁରାପୁର–ଷଠିପୁର ରାସ୍ତାରେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଛି। ମଥୁରାପୁର ସେତୁରେ ଫାଟ ସୃଷ୍ଟି ହେବା ଓ ଦବିବା ସଂକ୍ରାନ୍ତରେ ବର୍ଷକ ପୂର୍ବରୁ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ହେଲେ ପ୍ରଶାସନର ନୀରବତା ବାଲି ବ୍ୟବସାୟୀଙ୍କୁ ବେଶ ସୁହାଉଛି। ପ୍ରଶାସନର ଏଭଳି ଅବହେଳା ଫଳରେ ୨୦୧୧ର ପ୍ରଳୟଙ୍କରୀ ବନ୍ୟାରେ ବୁଢ଼ାନଦୀ ଉପରିସ୍ଥ ରୁଡିଆ ସେତୁ ଭୁଶୁଡି ପଡ଼ିଥିଲା ।

ବ୍ୟାସନଗର ତହସିଲ ପକ୍ଷରୁ ଜଳସେଚନ ବିଭାଗର ବିନା ପରାମର୍ଶରେ ବୈତରଣୀ ସେତୁ ନିକଟରେ ଏକାଧିକ ବାଲିଖାଦାନ ପାଇଁ ଲିଜ୍ ଦିଆଯାଇଛି । ମେଶିନରେ ବାଲି ଉତ୍ତୋଳନ କରାଯାଉଛି । ଓଭରଲୋଡିଂ ଯୋଗୁ ବୈତରଣୀ ସେତୁର ସ୍ଥାୟିତ୍ୱ ପ୍ରତି ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଏକାଧିକ ଥର ଅଭିଯୋଗ କରିଛନ୍ତି । ହେଲେ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରିନାହିଁ।



ବାଲିମୟ ବୈତରଣୀ ସେତୁ ।

# ୩ ବାଲ୍ୟ ବିବାହ ବନ୍ଦ କଲା ପ୍ରଶାସନ

ରାଜନଗର,୪ା୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ଉପାନ୍ତ ବଙ୍ଗୀୟ ଭାଷାଭାଷୀ ୯ ପଞ୍ଚାୟତରେ ଏବେବି ଘୃଣ୍ୟ ବାଲ୍ୟବିବାହ ପ୍ରଥା ଚାଲିଛି। ଦଲାଲଙ୍କ ମାୟାଜାଲରେ ଛନ୍ଦି ହୋଇ ନାବାଳିକା ସେମାନଙ୍କଠାରୁ ଦୁଇରୁ ତିନିଗୁଣ ବୟସର ଯୁବକଙ୍କୁ ବିବାହ କରୁଥିବା ଅଭିଯୋଗ ହୋଇଆସୁଛି। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ସାମାଜିକ କଳଙ୍କର ପ୍ରଥା ବହନ କରୁଥିବା ଏହି ଘୃଣ୍ୟ ବାଲ୍ୟବିବାହକୁ ଅଭାବ ଅନଟନରେ ଥିବା ଝିଅ ପକ୍ଷର ଲୋକେ ଗ୍ରହଣ କରିନେଉଛନ୍ତି। ଯାହାକୁ ନେଇ କେବଳ ଜିଲାରେ ନୁହେଁ, ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ସଦ୍ୟ ସୂଚନା ଅନୁଯାୟୀ, ୪ ଦିନରେ ୩ଟି ବାଲ୍ୟବିବାହ ଶେଷ ମୁହୂର୍ତ୍ତରେ ପହଞ୍ଚି ଥିବା ବେଳେ ବର ଓ କନ୍ୟା ମଙ୍ଗୁଳା ହୋଇସାରିଥିଲେ। ପୋଲିସ ପ୍ରଶାସନର ହସ୍ତକ୍ଷେପ ଫଳରେ ୩ ବାଲ୍ୟବିବାହ ବନ୍ଦ ହୋଇପାରିଛି।

ଈଶ୍ୱରପୁର ପଞ୍ଚାୟତ ଜୁନୁସନଗର ଗାଁର ଜଣେ ଯୁବକ ସାଲେପୁରଠାରେ ଥିବା ଏକ ଘରୋଇ ଫାଇନାନ୍ସ ସଂସ୍ଥାରେ ମ୍ୟାନେଜର ଭାବେ କାମ କରନ୍ତି। ଯୁବକଙ୍କ ବାହାଘର ନିକଟସ୍ଥ ପଞ୍ଚାୟତ ଜଣେ ନାବାଳିକାଙ୍କ ସହ ସ୍ଥିର ହୋଇଥିଲା। ୩୧ ଜାନୁୟାରୀରେ ବର ମଙ୍ଗୁଳା ହୋଇ ସାରିଥିଲା। ୧ ଫେବୃୟାରୀ ସନ୍ଧ୍ୟାରେ ବର ବାଜା ରୋଶଣିରେ ୧୬ ବର୍ଷୀୟା ନାବାଳିକାଙ୍କ ଘରକୁ ବିବାହ ପାଇଁ ଯାଇଥାନ୍ତେ। ଖବରପାଇ ରାଜନଗର ସିଡିପିଓ ପୁଷ୍ପଲତା ଦାସ ତାଳଚୁଆ ପୋଲିସକୁ ଜଣାଇଥିଲେ। ତାଳଚୁଆ ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ସିଡିପିଓ, ଅଙ୍ଗନୱାଡି ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଶିଶୁ ସୁରକ୍ଷା ସମିତିର ସଦସ୍ୟ ଓ ଲିଗାଲ ଆଡ୍‌ଭାଇଜର ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କ ବାପାଙ୍କୁ ଏ ନେଇ ଅବଗତ କରାଇଥିଲେ। ଝିଅକୁ ବାହା କରାଇଲେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଝିଅଙ୍କ ସାର୍ଟିଫିକେଟ ଦେଖିବା ପରେ ୧୬ ବର୍ଷ ୯ ମାସ ହୋଇଥିବାବେଳେ ୨୦୧୯ରେ ମାଟ୍ରିକ ପାସ୍ କରିଥିବା ଜଣାପଡିଥିଲା। ଏହାପରେ ତାଙ୍କ ବାପାଙ୍କୁ ଝିଅଙ୍କ ବିବାହ ବୟସ ନ ହେବା ଯାଏ ବାହା ଦେବେନି ବୋଲି ଲିଖିତ ଭାବେ ପ୍ରଶାସନକୁ ଜଣାଇଥିଲେ। ଝିଅ ପରିବାର ପକ୍ଷରୁ ବରପକ୍ଷଙ୍କୁ ଏ ନେଇ ଅବଗତ କରାଯାଇଥିଲା। ପୋଲିସ ମଧ୍ୟ ବରଙ୍କ ବାପାଙ୍କୁ ଏ ନେଇ ତାଗିଦା କରିଥିଲେ। ସେହିପରି ବୁଧବାର ତାଳଚୁଆ ପୋଲିସ ଓ ଅଙ୍ଗନୱାଡି କର୍ମୀ ଦୁଇଟି ବାଲ୍ୟବିବାହ ବନ୍ଦ କରାଇଛନ୍ତି। କେରୁଆଁପାଳ ଗାଁର ଜଣେ ୨୫ ବର୍ଷର ଯୁବକ ସେହି ପଞ୍ଚାୟତରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଫେବୃୟାରୀ ୩ରେ ବିବାହ କରିଥାନ୍ତେ। ମାତ୍ର ବାହାଘର ଦିନ ପୋଲିସ ଓ ଅଙ୍ଗନୱାଡି କର୍ମୀ ପହଞ୍ଚି ବାହାଘରକୁ ବନ୍ଦ କରାଇଛନ୍ତି। ସେହିପରି ଭଞ୍ଜପ୍ରସାଦ ଗାଁର ଜନୈକ ଯୁବକ କୃଷ୍ଣନଗର ପଞ୍ଚାୟତରେ ଜଣେ ନାବାଳିକାଙ୍କୁ ବିବାହ କରିବାକୁ ସ୍ଥିର ହୋଇଥିଲା। ବାହାଘର ଦିନ ପୋଲିସ ପହଞ୍ଚିବା ପରେ ଏହି ବିବାହ ବନ୍ଦ ରହିଛି। ନାବାଳିକାଙ୍କ ବାପା ଝିଅଙ୍କୁ ବିବାହ ବୟସ ନ ହେବା ଯାଏ ବିବାହ କରିବେନି ବୋଲି ଲିଖିତ ଭାବେ ଜଣାଇଛନ୍ତି।

# 'ମଧୁବାବୁ ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ'




ତରଡ଼ାପଡ଼ାରେ ଆୟୋଜିତ ମଧୁସୂଦନ ଦାସଙ୍କ ଶ୍ରାଦ୍ଧୋତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ଜଗତ୍‌ସିଂହପୁର ଅଫିସ/ନାଉଗାଁ (ସ୍ୱ.ପ୍ର.),୪ା୨

ସ୍ଥାନୀୟ ତରଡ଼ାପଡ଼ାରେ ଜଗତ୍‌ସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବରିଷ୍ଠ ଶିକ୍ଷକ ବସନ୍ତ କୁମାର ଲେଙ୍କା ଯୋଗଦେଇ ମଧୁବାବୁ ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅଧକ୍ଷା ସୌଦାମିନୀ ସାହୁ ଯୋଗଦେଇ ମଧୁବାବୁ ଜଣେ ଜାତୀୟବାଦୀ ଥିଲେ । ତାଙ୍କ କବିତାରେ ତତ୍କାଳୀନ ସମାଜର ଅବ୍ୟବସ୍ଥା ଓ ଚିତ୍ର ଅତି ସୁନ୍ଦର ଭାବେ ପ୍ରତିଫଳିତ ହୋଇଥିଲା ବୋଲି ସାହୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସାମାଜିକ କର୍ମୀ କଲ୍ୟାଣ ପଟ୍ଟନାୟକ, ଶିକ୍ଷକ ସୌକତ ଅଲ୍ଲୀ, ରାଧାମୋହନ ପରିଜା, ବିଚିତ୍ର ନନ୍ଦ ତ୍ରିପାଠୀ ଓ କମଳଲୋଚନ ବିଶ୍ୱାଳ ଯୋଗଦେଇ ମଧୁବାବୁ ମୃତ୍ୟୁ ପର୍ଯ୍ୟନ୍ତ ଏ ଦେଶ ଓ ଜାତି କଥା ଚିନ୍ତା କରୁଥିଲେ ବୋଲି କହିଥିଲେ। ଶେଷରେ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଦାସ ଧନ୍ୟବାଦ ଦେଇଥିଲେ ।

ସେହିପରି ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଛାତ୍ର କଂଗ୍ରେସ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର କଂଗ୍ରେସର ପୂର୍ବତନ ସଂଯୋଜକ ସୁନୀଲ କୁମାର ମାଟିଆ, ସାମାଜିକ କର୍ମୀ ପ୍ରସନ୍ନଜିତ ସାହୁ, ସୌମ୍ୟ ସଞ୍ଜୀବ ଦାସ, ନିଗମା ନନ୍ଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ମା' କ୍ଷେତ୍ରପାଳିନୀ କ୍ରିକେଟ୍ କପ୍: ଯାବରା ଚାମ୍ପିୟନ

ରସୁଲପୁର,୪ା୨(ଡି.ଏନ.ଏ.)

ରସୁଲପୁର ବ୍ଲକ୍ ଯାବରା ପଞ୍ଚାୟତର ମା' କ୍ଷେତ୍ରପାଳନୀ କ୍ରିକେଟ୍ କପ୍ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ନୂଆହାଟ ଓ ଯାବରା ମଧ୍ୟରେ ହୋଇଥିଲା। ନୂଆହାଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୪୨ ରନ୍ କରିଥିଲା। ଯାବରା ଦଳ ୧୮.୯ ଓଭରରେ ୯ ଉଇକେଟ ହରାଇ ଚାମ୍ପିୟନ ହୋଇଥିଲା। ଟ୍ରଫି ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ହିମାଂଶୁ ଶେଖର ସାହୁ, ସରପଞ୍ଚ ବସନ୍ତ ବେହେରା, ଆମ ପୋଲିସ ସମିତି କର୍ମକର୍ତ୍ତା କୁଳମଣି ବାରିକ ଓ ପପୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ସତ୍ୟରଞ୍ଜନ ମହାରଣା ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ରାଜା ମହାନ୍ତିଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା।

# ଦ୍ୱିପାକ୍ଷିକ ବୈଠକ ବିଫଳ

**ବ୍ୟାସନଗର ଜମି ବିବାଦ ମାମଲା**

■ସରକାରଙ୍କୁ ରିପୋର୍ଟ ଦେବେ ଜିଲାପାଳ

ଯାଜପୁରରୋଡ,୪ା୨(ଡି.ଏନ.ଏ.)

ଯାଜପୁର ଜିଲା ବ୍ୟାସନଗର ସହରରେ ଲାଗି ରହିଥିବା ଜମି ବିବାଦକୁ ନେଇ ଗୁରୁବାର ଯାଜପୁର ଜିଲା ପ୍ରଶାସନ ଓ ବ୍ୟାସନଗର ଜମି ସୁରକ୍ଷା କମିଟି ମଧ୍ୟରେ ହୋଇଥିବା ବୈଠକ ବିଫଳ ହୋଇଛି। ସୁରକ୍ଷା କମିଟି ପକ୍ଷରୁ ଜମି ବିବାଦର ସମାଧାନ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହିକ୍ରମରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ କମିଟିର ସଭ୍ୟମାନଙ୍କ ସହ ଗୁରୁବାର ଆଲୋଚନା କରିଥିଲେ। ଆଲୋଚନାରେ ଜିଲାପାଳ ରାଠୋର କମିଟିର ଦାବିଗୁଡିକ ସଂକ୍ରାନ୍ତରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଦାବିଗୁଡିକର ସମାଧାନ ଜିଲାପାଳଙ୍କ ପରିସରଭୁକ୍ତ ନୁହେଁ ବୋଲି କହିଥିଲେ। ଏହାସହ ବ୍ୟାସନଗର ଜମି ସୁରକ୍ଷା କମିଟି ୨୦୧୪ରୁ ଅଦ୍ୟାବଧି ପ୍ରତିବାଦ କରି ଆସୁଥିଲେ ହେଁ ଏଯାଏ କୌଣସିସମାଧାନ ହୋଇ ପାରୁନାହିଁ ବୋଲି ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଜମିର କିସମ ବିବାଦ ହେବାରୁ ବିଧାନସଭାର ସବ୍ ଅର୍ଡିନେଟ ଲେଜିସଲେଟିଭ କମିଟି ବ୍ୟାସନଗର ପୌରାଞ୍ଚଳକୁ ଆସି ସର୍‌ଜମିନ୍ ତଦନ୍ତ କରି ସରକାରଙ୍କୁ ୨୦୧୮ରେ ରିପୋର୍ଟ ପ୍ରଦାନ କରିଛନ୍ତି । ଜମିର ସତ୍ତ୍ୱ କିସମକୁ ନେଇ ଯେଉଁ ବିବାଦ ଉପୁଜିଛି ଏହାକୁ ନେଇ ପ୍ରାୟ ୧୦ ହଜାର ଜମି ମାଲିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ କମିଟି ପକ୍ଷରୁ ଆବଶ୍ୟକ କାଗଜପତ୍ର ଜିଲାପାଳଙ୍କ ନିକଟରେ ଦାଖଲ କରିଥିଲେ। ତେବେ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ରାଠୋର ଆସନ୍ତା ୧୦ ତାରିଖ ସୁଦ୍ଧା ସରକାରଙ୍କ ନିକଟରେ ଏକ ସବିଶେଷ ରିପୋର୍ଟ ଦାଖଲ କରିବେ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାସନଗର ତହସିଲଦାର ଶୁକ୍ରବାର ଜମି ସୁରକ୍ଷା କମିଟି ନିକଟରେ ଥିବା ନଥିପତ୍ର ଦର୍ଶାଇବାକୁ ଅନୁରୋଧ କରିଥିଲେ। ବୈଠକରେ କମିଟି ପକ୍ଷରୁ କମିଟିର ସଭାପତି ସୁଧାଂଶୁଶେଖର ଦାସ, ସମ୍ପାଦକ ନାରାୟଣ ପ୍ରସାଦ ପତି, ଅଶୋକ କୁମାର ବିଶ୍ୱାଳ, ସୁବାସ ଚନ୍ଦ୍ର ମିଶ୍ର, ଅମୂଲ୍ୟ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ରାଠୋରଙ୍କ ସମେତ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ତହସିଲଦାର ଶରତ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ କରି ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଆଗ ବିସ୍ଥାପନ, ପରେ କାରଖାନା




ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି ।

କଳିଙ୍ଗନଗର,୪ା୨(ଡି.ଏନ.ଏ.)

ଆଗ ବିସ୍ଥାପନ, ପରେ କାରଖାନା ନିର୍ମାଣ କର ବୋଲି କଳିଙ୍ଗନଗର ଶିଳ୍ପାଞ୍ଚଳରେ ପୁଣି ଦାବି ଉଠିଛି। ଯାଜପୁର ଜିଲା କଳିଙ୍ଗନଗର ବିଜୁ ପଟ୍ଟନାୟକ ପାର୍କ ନିକଟରେ ଗୁରୁବାର କେସିକା ମେଟାଲିକ୍ସ ଲିମିଟେଡର ଜମି ଚିହ୍ନଟ ପ୍ରକ୍ରିୟା ସମୟରେ କୁଡୁମୀସାହି, ଅରାସାହି, ଟାଙ୍ଗରସାହି ଏବଂ କଚେରୀ ଗ୍ରାମବାସୀ ଜମି ଚିହ୍ନଟକୁ ବିରୋଧ କରି ଏହି ଦାବି ଉପସ୍ଥାପନ କରିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ଆଶଙ୍କା କରି ଯଖପୁରା ଥାନା ପୋଲିସ ଉପସ୍ଥିତ ରହି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ହେଲେ ପ୍ରଶାସନର ପ୍ରତିଶ୍ରୁତି ମୁତାବକ ଆଗ ବିସ୍ଥାପନ ନ କଲେ କୌଣସିମତେ କାରଖାନା ନିର୍ମାଣ କରାଇ ଦିଆଯିବ ନାହିଁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, କେସିକା ମେଟାଲିକ୍ସ ଲିମିଟେଡ କାରଖାନା ନିର୍ମାଣ ପାଇଁ ଇଡକୋ ଜରିଆରେ ୯୦ ଏକର ଜମି କଳିଙ୍ଗନଗରଠାରେ ଯୋଗାଇ ଦିଆଯାଇଛି। ଭାରତରେ ବର୍ତ୍ତମାନ ୭ଟି ମେଟାଲିକ୍ସ କାରଖାନା ରହିଛି। ଏହି କମ୍ପାନୀ ଓଡିଶାରେ ମେଟାଲିକ୍ସ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ଭାବେ ସ୍ଥାପନ ହେବ। ଏଥିପାଇଁ କେସିକା କମ୍ପାନୀ ବିଭିନ୍ନ ପର୍ଯ୍ୟାୟରେ ୫୦୪ କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା ରଖିଛି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାୟ ୨୦୦୦ ଯୁବତୀଯୁବକ ପରୋକ୍ଷ ଅବା ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି କମ୍ପାନୀ ପକ୍ଷରୁ ଯୋଜନା ରହିଛି। ଗତ ୨୫ବର୍ଷ ମଧ୍ୟରେ ଯାଜପୁର ଜିଲାରେ ବଡ ବଡ ଶିଳ୍ପ କାରଖାନା ପ୍ରତିଷ୍ଠା ଯୋଗୁ ଶତାଧିକ ପରିବାର ବିସ୍ଥାପିତ ହୋଇଛନ୍ତି। ହେଲେ ଏହାର ଲାଭ ସ୍ଥାନୀୟ ଲୋକଙ୍କୁ ମିଳିପାରି ନାହିଁ । ସମସ୍ତ କଳକାରଖାନା ଖୁବ୍ କମ୍ ସଂଖ୍ୟକ ଲୋକଙ୍କୁ ନିୟମିତ ନିଯୁକ୍ତି ଦେଉଥିବାବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବାହାର ରାଜ୍ୟର ଅଧିବାସୀ ଅଟନ୍ତି । ଅଧିକ ଜମି ଅଧିଗ୍ରହଣ କରୁଥିବା କମ୍ପାନୀ ସେହି ଅନୁପାତରେ ନିଯୁକ୍ତି ଦେଉନାହାନ୍ତି । ଏହାସହ କମ୍ପାନୀ ଯୋଗୁ ବାୟୁ ପ୍ରଦୂଷଣ ମାତ୍ର ଅତ୍ୟଧିକ ହେଉଥିବାରୁ ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି।

# ବଚସାରୁ ମରଣାନ୍ତକ ଆକ୍ରମଣ

ଏରସମା,୪ା୨(ସ୍ୱ.ପ୍ର.)

ଏରସମା ଥାନା ବଉଳପୁର ଗ୍ରାମ ନିକଟରେ ବୁଧବାର ରାତିରେ ବଚସାରୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଗଡବିଶୁନିପୁର ଗ୍ରାମର ଶ୍ରୀକାନ୍ତ ସ୍ୱାଇଁଙ୍କ ସମେତ ଆକ୍ରମଣ ଗୋଷ୍ଠୀର ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଶ୍ରୀକାନ୍ତଙ୍କ ବଡ଼ଭାଇ ପ୍ରଶାନ୍ତଙ୍କ ଅଭିଯୋଗ ଅନୁସାରେ, ଶ୍ରୀକାନ୍ତ ଓ ଅଙ୍କୁ ମଲ୍ଲିକ ବାଇକ୍‌ରେ ବଉଳପୁର ଯାଇ ଫେରୁଥିଲେ। କେତେଜଣ ଯୁବକ ତାଙ୍କୁ ବାଟ ବନ୍ଦ କରିଥିଲେ। ଶ୍ରୀକାନ୍ତ ବାଟ ଛାଡ଼ିବାକୁ କହିବାରୁ ସେମାନେ ଆକ୍ରମଣ କରିଥିଲେ। ଉଭୟପକ୍ଷରୁ ହାତାହାତିରେ ସମ୍ପୃକ୍ତ ଯୁବକଙ୍କ ମଧ୍ୟରୁ ଜଣେ ଆହତ ହୋଇଥିଲେ। ଫଳରେ ସେମାନେ ଉତ୍‌କ୍ଷିପ୍ତ ହୋଇ ଶ୍ରୀକାନ୍ତଙ୍କୁ ମାଡ଼ ମାରି ବଉଳପୁର ନଈ ପାଖରେ ଥିବା ଏକ ଖଜୁରି ଗଛ ପାଖରେ ପକାଇ ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ଶ୍ରୀକାନ୍ତଙ୍କୁ ଉଦ୍ଧାର କରିଥିଲେ। ଆଇଆଇସି ପ୍ରଶାନ୍ତ କୁମାର ମାଝି କହିଛନ୍ତି, ଅଭିଯୋଗର ତଦନ୍ତ ଚାଲିଛି। ଶୁକ୍ରବାର ମାମଲା ରୁଜୁ କରାଯିବ।

# ସାମୁଦ୍ରିକ ଜୀବ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଉ

**ଅଲିଭ ରିଡଲେଙ୍କ ଜୀବନ ଚକ୍ର ଏବେବି ପ୍ରହେଳିକା**

■ଗୋରୀ ପରେ ମିଳିଲେଣି ୧୬ ଧଳା କୁମ୍ଭୀର

■ନୀଳରକ୍ତ କଙ୍କଡ଼ା, ଶାମୁକାରୁ ମିଳିବ ଔଷଧ

କେନ୍ଦ୍ରାପଡ଼ା ଅଫିସ, ୪ା୨

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବାରହାପୁରଠାରେ ଗହୀରମଥା ମେରାଇନ ଟର୍ଟଲ ପ୍ରୋଟେକଶନ ଆଣ୍ଡ ମାନଗ୍ରୁଭ କଞ୍ଜରଭେଶନ ସୋସାଇଟିର ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଥିଲା। ସୋସାଇଟି ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସାମୁଦ୍ରିକ ଜୀବ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଏଥିରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ପ୍ରଭୁପ୍ରସାଦ ମହାପାତ୍ର, ଆଶିଷ କୁମାର ସେନାପତି ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଜାତୀୟ ଉଦ୍ୟାନ ଭିତରକନିକାର ଜୈବବିବିଧତା ପରି ଏଠାରେ ଧଳା ବଉଳା କୁମ୍ଭୀର, ଡଲ୍‌ଫିନ, ଅଲିଭ୍ ରିଡ୍‌ଲେ, ଅକ୍ଟୋପସ୍, ନୀଳରକ୍ତ କଙ୍କଡ଼ା, ଶାମୁକା ଆଦି ବିଶ୍ୱ ପ୍ରସିଦ୍ଧ। ତେବେ ଏମାନଙ୍କ ଜୀବନଚର୍ଯ୍ୟା, ସ୍ଥାନୀୟ ପରିବେଶ, ଔଷଧୀୟ ଗୁଣବତ୍ତା ଆଦି ରହସ୍ୟ ଘେରରେ ଅଛି। ନିର୍ଦ୍ଦିଷ୍ଟ ସମୟରେ ବିରଳ ଅଲିଭ୍ ରିଡ୍‌ଲେଙ୍କ ଏହି ଅଞ୍ଚଳକୁ ଆଗମନ, ଅଣ୍ଡାଦାନ ପରେ ମାଈ କଇଁଛଙ୍କ ପଳାୟନ, ଦେଢ଼ମାସ ପରେ ଶାବକଙ୍କ ପଶ୍ଚାତ୍‌ଗମନ ଆଦି ଏବେବି ରହସ୍ୟ ଘେରରେ ରହିଛି। ସେହିପରି ପୁରୀର କୋଣାର୍କ ନିକଟ ରାମଚଣ୍ଡୀ ତଟାଦେଶରେ ୨୦୧୨ରୁ ଅଦ୍ୟାବଧି ଏମାନେ ଦେଖା ନ ଦେବା କାରଣ ଖୋଜିବା ସହ ଗବେଷଣାଗାରରେ ଏହି ସାମୁଦ୍ରିକ ଜୀବର ଜୀବନଚକ୍ର ଅନୁଧ୍ୟାନ ହୋଇପାରିବ। ସେହିପରି ଏହି ଅଞ୍ଚଳର ବିରଳ ଧଳା କୁମ୍ଭୀର ଗୋରୀ ଏହାର ରଙ୍ଗ ପାଇଁ ବିଶ୍ୱ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଗୋରୀ କୁମ୍ଭୀର ଡାଙ୍ଗମାଳର ଆବଦ୍ଧ ସୀମାରେ ଥିଲେ ମଧ୍ୟ ଚଳିତବର୍ଷ ୧୬ ଧଳା କୁମ୍ଭୀରଙ୍କ ଗଣନା ହୋଇଛି, ଯାହା ଗବେଷକଙ୍କ ଗବେଷଣା ପାଇଁ ଆହ୍ୱାନ କରୁଛି। ଅପରପକ୍ଷରେ ଏଠାରେ ଦେଖାଯାଉଥିବା ଜେଲିଫିସ୍, ଡଲ୍‌ଫିନ, ଅକ୍ଟୋପସ୍ ଆଦି ସାମୁଦ୍ରିକ ଜୀବ ସମ୍ପର୍କରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ଅଧିକ ସଚେତନତା ସୃଷ୍ଟିର ଆବଶ୍ୟକତା ଅଛି। ସେହିପରି ନୀଳରକ୍ତ କଙ୍କଡାଙ୍କ ସୁରକ୍ଷା ଏଠାରେ ଏକ ଆହ୍ୱାନ ହୋଇଛି। ଏହି କଙ୍କଡ଼ା ଓ ଶାମୁକାରୁ ପ୍ରସ୍ତୁତ ଔଷଧ ମାନବ ସମାଜ ପାଇଁ କେତେଦୂର ଉପଯୋଗୀ ହୋଇପାରିବ, ତାହାର ଗବେଷଣା ଜରୁରୀ ହୋଇପଡିଛି। ଅପରପକ୍ଷରେ ତଟକ୍ଷୟ ଏଠାରେ ଉଗ୍ରରୂପ ଧାରଣ କରିଛି। ଏହାର ନିରାକରଣ ସମ୍ପର୍କରେ ଗବେଷଣା ହୋଇପାରିବ। ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଜାତୀୟ ଉଦ୍ୟାନ ମଧ୍ୟରେ ଏକ ଗବେଷଣାଗାର ପ୍ରତିଷ୍ଠା ପାଇଁ ସେମାନେ ଏହି ଆଲୋଚନା ଚକ୍ରରେ ଦାବି କରିଛନ୍ତି। ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ଏହି ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।





ଅଲିଭ୍ ରିଡ୍‌ଲେ ଅଣ୍ଡା ଦାନ ଅପେକ୍ଷାରେ ଅଗରନାଶି ଦ୍ୱୀପ, ସମୁଦ୍ର କୂଳରେ ଜେଲିଫିସ ।

## ରାଜ୍ୟ ଉପଦେଷ୍ଟା, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମୀକ୍ଷା

ଓଡ଼ଗାଁ,(ସ୍ୱ.ପ୍ର.): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉପଦେଷ୍ଟା ଡ.ବିଜୟ କୁମାର ସାହୁ ଏବଂ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଓଡ଼ଗାଁ ଆଦର୍ଶ ବିଦ୍ୟାଳୟ ଭିତ୍ତିଭୂମି ଓ ଶିକ୍ଷାଦାନ ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି। ଖେଳପଡିଆ ନିର୍ମାଣ, ମଧ୍ୟାହ୍ନ ଭୋଜନ ପାଇଁ ସ୍ୱତନ୍ତ୍ର ରୋଷେଇ ଘର ନିର୍ମାଣ ଓ ଆବଶ୍ୟକ ଶିକ୍ଷକ ନିଯୁକ୍ତ ନେଇ ସମୀକ୍ଷା କରାଯାଇଥିଲା। ଖୁବ୍‌ଶୀଘ୍ର ଶିକ୍ଷକ ପଦବୀ ପୂରଣ କରାଯିବ। ଯୁଦ୍ଧକାଳୀନ ଭିତ୍ତିରେ ଖେଳ ପଡିଆ ନିର୍ମାଣ, ଉତ୍ତମ ଶୈକ୍ଷିକ ବାତାବରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ମତ ପ୍ରକାଶ ପାଇଥିଲା।



## ସଂକ୍ଷେପରେ

### ଶିକ୍ଷକ ସଂଘର ଧାରଣା ସ୍ଥଗିତ

ଦଶପଲ୍ଲା,୪।୨(ଡି.ଏନ.ଏ.): ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଏଲିମେଣ୍ଟାରୀ ଶିକ୍ଷକ ସଂଘ ତାର ଧାରଣାକୁ ସ୍ଥଗିତ ରଖିଛି। ବ୍ଲକ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ବେହେରା ଧାରଣା ସ୍ଥଳକୁ ଆସି ଶିକ୍ଷକମାନଙ୍କ ସହ ଆଲୋଚନା କରି ଲିଖିତ ପ୍ରତିଶ୍ରୁତି ଦେବା ପରେ ସଂଘ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୦ ତାରିଖ ସୁଦ୍ଧା ଶିକ୍ଷକମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ବ୍ଲକ୍ ଶିକ୍ଷା ଅଧିକାରୀ ବେହେରା ପ୍ରତିଶ୍ରୁତି ଦେଇଛନ୍ତି। ବିଇଓଙ୍କ ପ୍ରତିଶ୍ରୁତି ନିର୍ଦ୍ଧାରିତ ତାରିଖ ସୁଦ୍ଧା କାର୍ଯ୍ୟକାରୀ ନ ହେଲେ ସଂଘ ତାର ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ସଂଘର ଜିଲା ସଭାପତି ଜ୍ୟୋତି ରଞ୍ଜନ ଦାସ କହିଛନ୍ତି। ଏହି ଧାରଣାରେ ବ୍ଲକ ସଭାପତି ଜୟଦେବ ମିଶ୍ର, ପୂର୍ବତନ ବିଇଓ ବିଭୂଦତ୍ତ ମହାପାତ୍ର, ପୂର୍ବତନ ସଭାପତି ସୁରେଶ ରଣା, ସମ୍ପାଦକ ରଶ୍ମି ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ନଡ଼ା ଗଦା ଜଳିଗଲା

#### ଅଗ୍ନିଶମ ବିଭାଗର ମନମୁଖି କାର୍ଯ୍ୟ ଯୋଗୁ ଗ୍ରାମରେ ଉତ୍ତେଜନା

ନାଉଗାଁ,୪।୨(ସ୍ୱ.ପ୍ର): ନାଉଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଚମ୍ପେଶ୍ୱର ଗ୍ରାମସ୍ଥିତ ରମେଶ ରାୟଙ୍କ ନଡା ଗଦାରେ ଗୁରୁବାର ମଧ୍ୟାହ୍ନରେ ହଠାତ୍ ନିଆଁ ଲାଗି ଜଳିଯାଇଛି। ମାତ୍ର ଅଗ୍ନିଶମ ବିଭାଗର ମନମୁଖି କାର୍ଯ୍ୟ ଯୋଗୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ନିଆଁରେ ୩୦ ହଜାରରୁ ଊର୍ଦ୍ଧ୍ୱ ନଡ଼ା ଜଳିଯାଇଛି ବୋଲି ରମେଶ କହିଛନ୍ତି। ତାଙ୍କ ଅଭଯୋଗ ଅନୁସାରେ, ନିଆଁ ଲାଗିବା ପରେ ଅଗ୍ନିଶମ କେନ୍ଦ୍ରକୁ ଫୋନ କରିଥିଲେ। ବାରମ୍ବାର ଫୋନ କରିବା ପରେ ୨ ଘଣ୍ଟା ବିଳମ୍ବରେ ଉଠାଇଥିଲେ। ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ଟ୍ୟାଙ୍କରରେ ପାଣି ନ ଥିବାରୁ ଘଟଣାସ୍ଥଳରୁ ୩୦୦ ମିଟର ଦୂରକୁ ଯାଇ ପାଣି ଉଠାଇଥିଲେ। ସେତେବେଳକୁ ନଡ଼ା ଗଦା ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏନେଇ ଗ୍ରାମବାସୀ ଅସନ୍ତୋଷବ୍ୟକ୍ତ କରିଥିଲେ। ଏସମ୍ପର୍କରେ ଅଗ୍ନିଶମ କେନ୍ଦ୍ର ଇନଚାର୍ଜ ମନମୋହନ ଦଲାଇ କହିଛନ୍ତି, ଫୋନ ପାଇବା ପରେ ସଙ୍ଗେ ସଙ୍ଗେ କେନ୍ଦ୍ର ପକ୍ଷରୁ ଗାଡି ଯାଇଥିଲା। ମାତ୍ର ଟ୍ୟାଙ୍କରରେ ପାଣି ନ ଥିବା ସମ୍ପର୍କରେ କିଛି କହି ନ ଥିଲେ।

### ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ସମୀକ୍ଷା ବୈଠକ

ବାଲିକୁଦା,୪।୨(ସ୍ୱ.ପ୍ର.): ବାଲିକୁଦା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଯୋଗଦେଇ ଶିକ୍ଷା ଢାଞ୍ଚା ସମ୍ପର୍କରେ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବାଲିକୁଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ ଅଧକ୍ଷତା କରିଥିଲେ। ଅନ୍ୟତମ ଅତିଥିଭାବେ ସପନ କୁମାର ଜେନା, ଜିଲା ବିଜ୍ଞାନ ପରିଦର୍ଶକ ନବୀନ କୁମାର ସାହୁ, ବାଲିକୁଦା ବ୍ଲକ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗୁଣାତ୍ମକ ଶିକ୍ଷାଦାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ପ୍ରିୟରଞ୍ଜନ ରାୟ ଧନ୍ୟବାଦ ଦେଇଥିଲେ।

### ଚୋରା ବାଲି ଚାଲାଣ ବେଳେ ହାଇୱା ଓଲଟିଲା

ନାଉଗାଁ,୪।୨(ସ୍ୱ.ପ୍ର): ନାଉଗାଁ ବ୍ଲକ ଅରଖକୁଦ ବାଲି ଘାଟରୁ ବାଲି ଚୋରା ଚାଲାଣ ବେଳେ ଏକ ହାଇୱା ଦେବୀ ନଦୀ ବନ୍ଧରୁ ଗୁରୁବାର ତଳକୁ ଖସିପଡ଼ିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ବେଆଇନ ବାଲି ଚାଲାଣ ବେଳେ ବୁଧବାର ଉକ୍ତ ଘାଟରୁ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଓ ହାଇୱାକୁ ପ୍ରଶାସନ ପକ୍ଷରୁ ଜବତ କରାଯାଇଥିଲା। ମାତ୍ର ଜରିମାନା ଆଦାୟ ପରେ ଛାଡ଼ି ଦିଆଯାଇଛି। ବ୍ଲକର ବିଭିନ୍ନ ବାଲି ଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏବିଷୟରେ ତହସିଲଦାର ଜେ.କଳ୍ପନା କୁହନ୍ତି, ବୁଧବାର ୨ଟି ବେଗାଡିରୁ ଜରିମାନା ଆଦାୟ କରାଯାଇଥିଲା। ହାଇୱା ଓଲଟିବା ସମ୍ପର୍କରେ ଅବଗତ ନ ଥିଲୁ। ଏନେଇ ଘଟଣାସ୍ଥଳକୁ ତଦନ୍ତ କରାଯିବ।

# ବିରଜା କ୍ଷେତ୍ରକୁ ନୂତନ ରେଳପଥ ସଂଯୋଗ ଆଶା ମଉଳିଲା

- ରେଳ ବଜେଟରେ ଯାଜପୁରକୁ ଉପେକ୍ଷା
- ଶାଣିତ ହେଉନି ଲୋକପ୍ରତିନିଧିଙ୍କ ସ୍ୱର
- ଡିଭିଜନ ମାନ୍ୟତା ମିଳିଲା ନାହିଁ

ଯାଜପୁର ଅଫିସ,୪।୨

ଚଳିତ ରେଳ ବଜେଟ ଯାଜପୁର ଜିଲା ପାଇଁ ନିରାଶଜନକ ହୋଇଛି । ପୂର୍ବତଟ ରେଳପଥ ଅଧୀନ ଯାଜପୁର-କେଉଁଝରରୋଡ ଷ୍ଟେଶନଠାରୁ ଧାମରା ପର୍ଯ୍ୟନ୍ତ ଭାୟା ବିରଜାକ୍ଷେତ୍ର ପ୍ରସ୍ତାବିତ ନୂତନ ରେଳଲାଇନ ସଂଯୋଗ ପାଇଁ ଦୀର୍ଘବର୍ଷର ଦାବି ଚଳିତ ବଜେଟରେ ମଧ୍ୟ ଉପେକ୍ଷିତ ହୋଇଛି। ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ଡିଭିଜନ ମାନ୍ୟତା ଦାବିକୁ ମଧ ଅଗ୍ରାହ୍ୟ କରି ଦିଆଯାଇଛି। ଯାଜପୁର-କେଉଁଝରରୋଡ ଷ୍ଟେଶନର ପଶ୍ଚିମ ପଟ ସାଇମନ୍ଦିର ନିକଟରେ ଗତ ବଜେଟରେ ଘୋଷିତ ଓଭରବ୍ରିଜ ନିର୍ମାଣ କାମ ଏ ଯାଏ ଆରମ୍ଭ ହୋଇନାହିଁ। ଆଧୁନିକୀକରଣ ତାଲିକାରେ ଗୋଟିଏ ହେଲେ ଷ୍ଟେଶନ ସ୍ଥାନ ପାଇନାହିଁ। ଏହାସହ ଯାଜପୁରରୋଡ ଷ୍ଟେଶନର ମଝିରେ ଥିବା ମାଲଗୋଦାମ ସ୍ଥାନାନ୍ତରଣ ପ୍ରସ୍ତାବକୁ ମଧ ଗୁରୁତ୍ୱ ଦିଆଯାଇନାହିଁ। ରେଳ ଭିତ୍ତିଭୂମିର ବିକାଶ ପ୍ରତି ଅବହେଳା କରାଯାଇଥିବାରୁ ଏହି ବଜେଟକୁ ନେଇ ନିରାଶା ପ୍ରକାଶ ପାଇଛି । ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଲୋକପ୍ରତିନିଧିଙ୍କ ସ୍ୱର ଶାଣିତ ହୋଇପାରୁ ନ ଥିବାରୁ ରେଳ ବଜେଟରେ ଯାଜପୁରକୁ ଏଭଳି ଅବହେଳା କରାଯାଇଥିବା ମତପ୍ରକାଶ ପାଇଛି।

ଗତ ପ୍ରାୟ ୧୦ ବର୍ଷ ହେଲା ରାଜନୈତିକ ନେତୃବର୍ଗ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଦାବି, ଦସ୍ତଖତ ସଂଗ୍ରହ ଅଭିଯାନ, ଆନ୍ଦୋଳନ ଜରିଆରେ ଯାଜପୁରରୋଡ ରେଳଷ୍ଟେଶନକୁ ଡିଭିଜନ ମାନ୍ୟତା ଦେବାର ଦାବି ଜୋର ଧରିଥିଲା । ହେଲେ କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ଏଥର ବି ନୀରବ ରହିଛି। ଏପରି କି ରେଳ ମନ୍ତ୍ରଣାଳୟର ଷ୍ଟାଣ୍ଡିଂ କମିଟିରେ ଥିବା ସଦସ୍ୟମାନେ ମଧ ଏହି ଦାବିକୁ ଜୋରଦେଇ ପାରିନାହାନ୍ତି । ଗତ ଅକ୍ଟୋବରରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯଥାକ୍ରମେ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ଡିଭିଜନ ମାନ୍ୟତା ଏବଂ ଭଦ୍ରକ-ଚାନ୍ଦବାଲି-ଆଖଣ୍ଡଳମଣି-ଯାଜପୁରକୁ ନୂତନ ରେଳପଥ ସଂଯୋଗ କରିବାକୁ ଦାବି କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଦାବି ଉପରେ ଅଧିକ ଅନୁସରଣ କରାଯାଇ ନ ଥିବାରୁ ଚଳିତ ବଜେଟରେ ଜିଲାବାସୀଙ୍କ ଆଶା ମଉଳି ଯାଇଛି।



ଯାଜପୁରରୋଡ୍ ଷ୍ଟେଶନ।

ଏ ସଂକ୍ରାନ୍ତରେ ଆଇନଜୀବୀ ସତ୍ୟପ୍ରକାଶ ବେହୁରିଆ କୁହନ୍ତି, ରେଳ ବଜେଟରେ ବିରଜାକ୍ଷେତ୍ରକୁ ନୂତନ ରେଳପଥ ସଂଯୋଗ ଦାବିକୁ ଅଣଦେଖା କରାଯାଇଛି। ଏହି ନୂତନ ରେଳପଥ ସଂଯୋଗ ହେଲେ ବର୍ଷକୁ ପ୍ରାୟ ୩୧୫ କୋଟି ଲାଭାଂଶ ମିଳିବ ବୋଲି ଗତ ସର୍ଭେରେ ଦର୍ଶାଯାଇଛି। ତଥାପି ରେଳ ବିଭାଗର ବୈମାତୃକ ମନୋଭାବ ଆଗାମୀ ଦିନରେ ଜନ ଆନ୍ଦୋଳନକୁ ଉସୁକାଉଛି। ଏହାସହ ବିରଜାକ୍ଷେତ୍ରକୁ ନୂତନ ରେଳପଥ ସଂଯୋଗକୁ ନେଇ ଲୋକପ୍ରତିନିଧିଙ୍କ ସ୍ୱର ଶାଣିତ ହୋଇପାରୁନି। ଶ୍ରମିକ ନେତା ଦୁଷ୍ମନ୍ତ କୁମାର ରାଉତ କହିଛନ୍ତି, ଯାଜପୁରରୋଡ ରେଳ ଷ୍ଟେଶନ ହେଉଛି ଯାଜପୁର ଜିଲାର ପ୍ରାଣକେନ୍ଦ୍ର। ଏହା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ। ମୁଖ୍ୟମନ୍ତ୍ରୀ ରାଉରକେଲା ଓ ଯାଜପୁରରୋଡ ରେଳ ଷ୍ଟେଶନକୁ ଡିଭିଜନ ମାନ୍ୟତା ଦେବାକୁ କେନ୍ଦ୍ରକୁ ପତ୍ର ଲେଖିଛନ୍ତି। କିନ୍ତୁ ବଜେଟରେ ଏହାକୁ ବିଚାରକୁ ନିଆଯାଇ ନାହିଁ। ଏଠାରେ ସମସ୍ତ ପ୍ରକାର ଡିଭିଜନ ମାନ୍ୟତା ପାଇଁ ସୁସ୍ଥ ଭିତ୍ତିଭୂମି ରହିଛି। ଜିଲାବାସୀଙ୍କ ପ୍ରମୁଖ ଦାବି ହେଉଛି ଯାଜପୁରରୋଡ ଷ୍ଟେଶନକୁ ଡିଭିଜନାଲ ମାନ୍ୟତା ମିଳିବା।କିନ୍ତୁରେଳବିଭାଗ ଏଥିପ୍ରତିଅବହେଳା କରୁଛି।

ଆଇନଜୀବୀ(ଟ୍ୟାକ୍ସ) ବିବେକାନନ୍ଦ ମହାନ୍ତି କୁହନ୍ତି, ବିଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଯାଜପୁରରୋଡ ରେଳଷ୍ଟେଶନକୁ ଡିଭିଜନ ମାନ୍ୟତା ମିଳିବାକୁ ଦାବି ହୋଇ ଆସୁଛି। କିନ୍ତୁ ଏହାକୁ ଅଣଦେଖା କରାଯାଉଛି। ଯାଜପୁରରୋଡ ଷ୍ଟେଶନରୁ ମଧ କୌଣସି ନୂତନ ରେଳ ଚଳାଚଳ ପାଇଁ ବଜେଟରେ ସ୍ଥାନ ନାହିଁ। ଏହି କ୍ରମରେ ଚଳିତ ରେଳ ବଜେଟ ନୈରାଶ୍ୟଜନକ ହୋଇଛି। ଯାଜପୁର-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ କୁହନ୍ତି, ଯାଜପୁର ରୋଡ଼-ଧାମରା ରେଳପଥ ନିର୍ମାଣ ପାଇଁ ନିଷ୍ପତ୍ତି ହେଲା ନାହିଁ। ଯାଜପୁର ଓ ଭଦ୍ରକ ଜିଲାବାସୀଙ୍କୁ ଏହା ନିରାଶ କରିଛି । ସମ୍ପ୍ରତି ଧାମରାରୁ ଭଦ୍ରକ ପର୍ଯ୍ୟନ୍ତ ରେଳପଥ ରହିଛି । ଆଦାନୀ କମ୍ପାନୀ ହେଉଛି ଏହାର ମାଲିକ। ଧାମରା ବନ୍ଦରରୁ ଓ ଅନ୍ୟ ସ୍ଥାନରୁ ବନ୍ଦର ପର୍ଯ୍ୟନ୍ତ ମାଲ ପରିବହନ କ୍ଷେତ୍ରରେ ଆଦାନୀ କମ୍ପାନୀର ଏକଚାଟିଆ ମାଲିକାନା ରହିଛି। ଅନ୍ୟ ଏକ ରେଳପଥ ନିର୍ମାଣ କରି ସରକାର ଆଦାନୀଙ୍କ ବ୍ୟବସାୟକୁ ସଙ୍କୁଚିତ କରିବାକୁ ଚାହୁଁନାହାନ୍ତି। ଦୁଇଟି ଜିଲାର ୩୦ ଲକ୍ଷ ଲୋକଙ୍କ ଅପେକ୍ଷା ଗୋଟିଏ କମ୍ପାନୀର ସ୍ୱାର୍ଥ ସରକାରଙ୍କ ପାଇଁ ବଡ ହୋଇଛି। ବିଭିନ୍ନ ସମୟରେ ଅନେକ ପ୍ରତିଶ୍ରୁତି ମିଳିଛି ଓ ଶେଷରେ ସବୁ ପ୍ରତାରଣାରେ ପରିଣତ ହୋଇଛି। ଜିଲାରେ ଦଳମତ ନିର୍ବିଶେଷରେ ଯଦି ଏକ ଜନ ଆନ୍ଦୋଳନ ଗଢିପାରିବା, ତାହା ହିଁ କେବଳ ଦାବି ହାସଲ ପାଇଁ ସମ୍ଭାବନା ସୃଷ୍ଟି କରିପାରିବ ବୋଲି ସେ କହିଛନ୍ତି ।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ



ଜିଲାପାଳ ଓ ବିଧାୟିକା କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ବରୀ,୪।୨(ଡି.ଏନ.ଏ.)

ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଗୁରୁବାର ବରୀ ଗ୍ରସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ପ୍ରଥମେ ସନ୍ଥନ ମଠ ନିକଟରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ନିମନ୍ତେ ସ୍ଥିରିକୃତ ହୋଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ପରେ ବରୀ ମାଉଣ୍ଡରେ ସାପ୍ତାହିକ ହାଟ ଯୋଗୁ ହେଉଥିବା ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ଏହି ହାଟକୁ ଜମୁଡିଅ ପଡ଼ିଆକୁ ସ୍ଥାନାନ୍ତର ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ବାଲିଆ ଅଭିମନ୍ୟୁଙ୍କ ପୀଠ ପରିଦର୍ଶନ କରିଥିଲେ। କଳାମାଟିଆସ୍ଥିତ ଶହୀଦପୀଠକୁ ଯାଇ ସେଠାରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ପରେ ବରୀପାଳର ସଂଗ୍ରାମୀ ଭବନ ଓ ବୌଦ୍ଧ ପୀଠ ରତ୍ନଗିରିକୁ ସଂଯୋଗୀକରଣ ପାଇଁ ଏକ ବାଇପାସ୍ ରାସ୍ତା ନିର୍ମାଣ ନିମନ୍ତେ କ୍ଷେତ୍ର ପରିଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟଗୁଡିକ ଶୀଘ୍ର ଆରମ୍ଭ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ବରୀ ବିଧାୟିକା ସୁନନ୍ଦା ଦାସ, ବିଡିଓ ଶିବାନନ୍ଦ ସ୍ୱାଇଁ, ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ସରପଞ୍ଚ ସନ୍ତୋଷ ସାମଲ, ସମୀର ମଲିକ, ପ୍ରାକ୍ତନ ସରପଞ୍ଚ ଆର୍ତ୍ତବନ୍ଧୁ ସାମଲ, ସହକାରୀ ଯନ୍ତ୍ରୀ ନେହେରୁ ବେହେରା ଓ ସନ୍ଦିଚ୍ଛା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ଜେନାପୁର/ଧର୍ମଶାଳା,୪।୨(ଡି.ଏନ.ଏ.)

ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜେନାପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଚାରଗୋଠ ଗ୍ରାମର ସୁନୀଲ କୁମାର ସାହୁ(୩୦)। ଗତ ୩୧ ତାରିଖରେ ଜେନାପୁର ଅଞ୍ଚଳରୁ ଜଣେ ନାବାଳିକାଙ୍କୁ ସୁନୀଲ ଅପହରଣ କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୩୩/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ରାତିରେ ପୋଲିସ ଜଗତପୁର ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗୁରୁବାର ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଛି। ନାବାଳିକାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ବଦଳିବ ଆଦର୍ଶ ବିଦ୍ୟାଳୟ ଶୈକ୍ଷିକ ପରିବେଶ

ନୟାଗଡ ଅଫିସ,୪।୨

**ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା**

ନୋଉରସ୍ଥିତ ନୟାଗଡ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ସଡକ ସୁରକ୍ଷା ଜୀବନ ରକ୍ଷା ଉପରେ କରିଥିବା ଭିଡିଓ ବେଶ ଲୋକପ୍ରିୟ ହୋଇଛି। ଭାରତରେ ସେହି ଭିଡିଓ ପ୍ରଶଂସା ସାଉଁଟିବାରେ ଲାଗିଛି। ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଡକ ସୁରକ୍ଷା ବାର୍ତ୍ତାକୁ ଦେଖି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ତାଙ୍କ କରୋନା ଆକାଉଣ୍ଟରେ ଟୁଇଟ କରି ପ୍ରଶଂସା କରିଛନ୍ତି। ଗୁରୁବାର ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନୟାଗଡ ଗସ୍ତରେ ଆସି ଉକ୍ତ ଭିଡିଓକୁ ପ୍ରଶଂସା କରିଥିଲେ। ସେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟର ସଙ୍ଗଠନ ଉପଦେଷ୍ଟା ବିଜୟ କୁମାର ସାହୁ, ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ସ୍କୁଲ ଓ ଗଣଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସନାତନ ପଣ୍ଡା ପ୍ରମୁଖ ଏହି ଟିମରେ ଥିଲେ। ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସୂଚନା ଅନୁସାରେ ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ଜୀବନ ରକ୍ଷା ଭିଡିଓ ସାରା ଭାରତରେ ଲୋକପ୍ରିୟ ହୋଇଛି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଁ ନିଜେ ଆସି ସ୍କୁଲ ପରିଦର୍ଶନ କରିଛି। ସ୍କୁଲର ଶୈକ୍ଷିକ ବାତାବରଣ କିପରି ଉନ୍ନତି ହୋଇ ପାରିବ ସେନେଇ ସମୀକ୍ଷା କରାଯାଇଛି। ଛାତ୍ରୀଛାତ୍ରଙ୍କ ୟୁନିଫର୍ମ ଥିବାବେଳେ ଶିକ୍ଷକ ୟୁନିଫର୍ମରେ ନ ଥିବାରୁ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଗଣମାଧମ ପ୍ରତିନିଧିଙ୍କ ଉତ୍ତରରେ ସେ କହିଛନ୍ତି। ପ୍ରମୁଖ ଶାସନ ସଚିବ ସାହୁଙ୍କ ସହ ଜିଲାପାଳ ପୋମା ଟୁଡୁ ଉପସ୍ଥିତ ଥିଲେ ।

## ‘କିନ୍ନରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯାଉ’

ଜଗତ୍‌ସିଂହପୁର ଅଫିସ, ୪।୨

ଜଗତ୍‌ସିଂହପୁର ଜିଲା କିନ୍ନର ସଂଘ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶମ୍ଭୁନାଥ ରାଉତଙ୍କ ସହ ଗୁରୁବାର ଆଲୋଚନା କରାଯାଇଛି । ଏଥିରେ ଜଗତ୍‌ସିଂହପୁର ଜିଲାର କିନ୍ନରମାନଙ୍କୁ ମୁଖ୍ୟ ଶ୍ରୋତରେ ସାମିଲ କରଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ସେମାନଙ୍କୁ ରାଶନ, ପେନସନ୍, ଋଣ, ଏସ୍‌ଏଚ୍‌ଜି ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି । ଆଲୋଚନା ସକାରାତ୍ମକ ହୋଇଛି ବୋଲି ସଖା ପ୍ରତିଷ୍ଠାନ ପ୍ରତିଷ୍ଠାତା ମୀରା ପରିଡ଼ା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂଗଠନରର ରାଜ୍ୟ ସଂଯୋଜକ ଶିବ ପ୍ରସାଦ ସାହୁ, ଜଗତ୍‌ସିଂହପୁର ଜିଲା କିନ୍ନର ସଂଘ ସଭାପତି ବେଲ କିନ୍ନର, ମାନସୀ କିନ୍ନର, ପ୍ରିୟଙ୍କା ପ୍ରିୟଦର୍ଶିନୀ କିନ୍ନର ପ୍ରମୁଖ ଉପସ୍ଥିତ ଥିଲେ।



ଆଲୋଚନାରେ ସାମିଲ ହୋଇଥିବା କିନ୍ନର ସଂଘର ସଦସ୍ୟ ଓ ଅନ୍ୟମାନେ।

## କଟକ ମହିମା କ୍ରିକେଟ୍ ଦଳ ଚାମ୍ପିୟନ

ଜଗତ୍‌ସିଂହପୁର ଅଫିସ,୪।୨

ଜଗତ୍‌ସିଂହପୁର ବ୍ଲକ ପାଟେଣିଗାଁ ପଞ୍ଚାୟତ ପ୍ରହରାଜପୁର ଗ୍ରାମ ଖେଳ ପଡିଆରେ ଆୟୋଜିତ ଜୟ ହନୁମାନ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକ ମହିମା କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ମହିମା କ୍ରିକେଟ ଦଳ ଓ ଟିଟିଗାଁ ସୋମନାଥ କ୍ରିକେଟ ଦଳ ମଧ୍ୟରେ ହୋଇଥିଲା। ମହିମା ଦଳ ପ୍ରଥମେ ବ୍ୟାଟିଂ କରି ୧୬୪ ରନ ସଂଗ୍ରହ କରିଥିଲା। ସୋମନାଥ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୪୬ ରନ କରି ପରାଜିତ ହୋଇଥିଲା। ପାଟେଣି ଗାଁ ସରପଞ୍ଚ ଅଦ୍ୱୈତ ଜେନାଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୮ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିପ୍ଳବ ଚୌଧୁରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ରନର୍ସଅପ୍ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ଶିବ ପ୍ରସାଦ ବେହେରା, ଅତୁଲ୍ୟ ବିକ୍ରମ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ଗୌରାଙ୍ଗ ଭୋଇ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବିଶ୍ୱ କ୍ୟାନ୍‌ସର ଦିବସରେ ସଚେତନତା

ଚଣ୍ଡିଖୋଲ,୪।୨(ଡି.ଏନ.ଏ.)

ବିଶ୍ୱ କ୍ୟାନସର ଦିବସ ଅବସରରେ ଚଣ୍ଡିଖୋଲର ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଆଶାର ଦିଶା’ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ କର୍ମକର୍ତ୍ତା ପାନ, ଗୁଟୁଖା ଓ ସିଗାରେଟ ବର୍ଜନ କରିବା, ମଦ୍ୟପାନକୁ ନିଷେଧ କରିବା ଆଦି ପ୍ଲାକାର୍ଡ ଧରି ଚଣ୍ଡିଖୋଲ ବଜାର ପରିକ୍ରମା କରିବା ସହିତ ଲୋକଙ୍କୁ ସଚେତନ କରାଇଥିଲେ। ଏହି ସଚେତନତା ଶୋଭାଯାତ୍ରା ଚଣ୍ଡିଖୋଲ ବୁଦ୍ଧମୂର୍ତ୍ତି ନିକଟରୁ ଆରମ୍ଭ ହୋଇ ବଜାର ପରିକ୍ରମା କରିବା ପରେ ପୁନଃର୍ବାର ବୁଦ୍ଧ ମୂର୍ତ୍ତି ପାଖରେ ଉଦ୍‌ଯାପିତ ହୋଇଥିଲା। ଅନୁଷ୍ଠାନ ଜିଲା ସଂଯୋଜକ ସର୍ବେଶ୍ୱର ବାରିକ ଓ ଅରୁପାନନ୍ଦ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ ଅଜୟ ମହାନ୍ତି, ସମ୍ବିତ ମାହାଲା, ସୁଦର୍ଶନ ବେହେରା, ଶୁଭମ ଶାଶ୍ୱତ ପୃଷ୍ଟ, ସତ୍ୟବ୍ରତ ଦାସ ଓ ସୁନୀଲ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହିଅବସରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ମାଦକ ଦ୍ରବ୍ୟ ବର୍ଜନ କରିବା ସହିତ କର୍କଟ ମୁକ୍ତ ଭାରତ ଗଠନ ପାଇଁ ବକ୍ତା ମତବ୍ୟକ୍ତ କରିଥିଲେ।




ଶୋଭାଯାତ୍ରାରେ ସାମିଲ ହୋଇଥିବା ଆଶାର ଦିଶା ଅନୁଷ୍ଠାନର ସଦସ୍ୟ।

# ନକଲି ଚାଷୀଙ୍କଠାରୁ ଧାନକିଣା

ନୟାଗଡ଼ ଅଫିସ,୪।୨

- ମିଳିଲା ଅନିୟମିତତାର ପ୍ରମାଣ
- ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ
- ୩ ସମିତିରେ ତଦନ୍ତ ଶେଷ ହେଉନାହିଁ

ନୟାଗଡ଼ ଜିଲାର ବିଭିନ୍ନ ଧାନମଣ୍ଡିରେ ନକଲି ଚାଷୀ ଧାନ ବିକ୍ରି କରୁଛନ୍ତି। ଏଭଳି ଅଭିଯୋଗ ବହୁ ପୁରୁଣା ହୋଇଥିଲେ ହେଁ ପ୍ରଶାସନର ଲଗାମ ନାହିଁ। ସେଥିପାଇଁ ପ୍ରତିବର୍ଷ ଏପରି ଚାଷୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରକୃତ ଚାଷୀଙ୍କ ଟାର୍ଗେଟ ପୂରଣ ହେଉ ନ ଥିଲା ବେଳେ ନକଲି ଚାଷୀ ଅତି ସହଜରେ ଫାଇଦା ଉଠାଉଥିବା ଅଭିଯୋଗ ହୋଇଛି।

୨୦୨୦-୨୧ ଖରିଫ ଋତୁରେ ଜିଲାର ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀ ଓ ଗୋଲଗାଁ ପ୍ରାଥମିକ କୃଷି ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରେ ଏପରି ଅନିୟମିତତାର ପ୍ରମାଣ ମିଳିଛି। ତଦନ୍ତ ରିପୋର୍ଟ ଆଧାରରେ ଉପରୋକ୍ତ ଦୁଇ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ସଭାପତିଙ୍କୁ ସୁପାରିସ କରାଯାଇଛି। ଅନ୍ୟପକ୍ଷେ ଜିଲାର ମାନ୍ଧତାପୁର, ନୋଉର, ରଙ୍କଦେଉଳି ପ୍ରାଥମିକ କୃଷି ସମବାୟ ସମିତିରେ ନକଲି ଚାଷୀଙ୍କ ଧାନକିଣା ଅଭିଯୋଗର ତଦନ୍ତ ହେଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମାନ୍ଧତାପୁରରେ ୧୦ରୁ ଊର୍ଦ୍ଧ୍ୱ ନକଲି ଚାଷୀଙ୍କ ନାଁରେ ଧାନ ବିକ୍ରି କରାଯାଇଛି। ମାନ୍ଧତାପୁର ପ୍ରାଥମିକ କୃଷି ସମବାୟ ସମିତିରେ ନକଲି ଚାଷୀ ମମତା ସାହୁଙ୍କ ନାଁରେ ୪୯.୧୨ କୁଇଣ୍ଟାଲ ଓ ୪୬ .୯୦ କୁଇଣ୍ଟାଲ ପତିତ ଜମି ଧାନ କିଣାଯାଇଛି। କାଗଜାତରେ ଏହି ଜମି ସାରଦ-୧ ରହିଛି। ସେହିଭଳି ଲିପୁ ମହାପାତ୍ରଙ୍କ ନାଁରେ ୪୯.୯୩ କୁଇଣ୍ଟାଲ ଓ ୪୯.୪୭ କୁଇଣ୍ଟାଲ, ଲକ୍ଷ୍ମୀଧର ବାରିକଙ୍କ ନାଁରେ ୫୦ କୁଇଣ୍ଟାଲ, ଝୁନି ମହାପାତ୍ରଙ୍କ ନାଁରେ ୪୯.୯୮ କୁଇଣ୍ଟାଲ ଓ ୫୦ କୁଇଣ୍ଟାଲ ଧାନ କିଣାଯାଇଛି। ଏହି ସମିତିରେ ପ୍ରାୟ ୨୫ ନକଲି ଚାଷୀଙ୍କଠାରୁ ଧାନ କିଣା ସରିଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ନୋଉର ପ୍ରାଥମିକ କୃଷି ସମବାୟ ସମିତିରେ ନକଲି ଚାଷୀ ନାରାୟଣ ସାହୁଙ୍କ ନାଁରେ ୪୮.୧୨ କୁଇଣ୍ଟାଲ ଓ ୪୭.୨୬ କୁଇଣ୍ଟାଲ, ମହମ୍ମଦ ଅନସରଙ୍କ ନାଁରେ ୫୦ କୁଇଣ୍ଟାଲ, ଗଦାଧର ପ୍ରଧାନଙ୍କ ନାଁରେ ୪୮.୦୪ ଓ ୪୯.୨୬ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ଏଠାରେ ବି ୨୦ରୁ ଊର୍ଦ୍ଧ୍ୱ ନକଲି ଚାଷୀଙ୍କ ନାଁରେ ଧାନ ବିକ୍ରି ହୋଇଛି। ଏହି ନକଲି ଚାଷୀଙ୍କ କାଗଜପତ୍ର ଯାଞ୍ଚ କରାଗଲେ ଲକ୍ଷାଧିକ ଟଙ୍କା ଦୁର୍ନୀତିର ପର୍ଦ୍ଦାଫାଶ ହେବ ବୋଲି ଚାଷୀ କହିଛନ୍ତି।

ଏନେଇ ମାନ୍ଧତାପୁର, ନୋଉର ଅଞ୍ଚଳର ଦୁଇଚାଷୀ କହିଛନ୍ତି, ଧାନମଣ୍ଡିରେ ଚାଷୀଙ୍କୁ ନୁହେଁ ଧାନ ବ୍ୟବସାୟୀଙ୍କୁ ଗୁରୁତ୍ୱ ଦିଆଯାଉଛି। ଚାଷୀ ଆଣିଥିବା ଧାନରେ ଗୋଡ଼ି, ପଥର, ଅଳିଆ ରହିଥିବା କହି ବସ୍ତା ପିଛା ୫ରୁ ୮ କେଜି କଟାଯାଉଛି। ଧାନ ବିକ୍ରି ପାଇଁ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ଏପରି ପରିସ୍ଥିତିରେ ଚାଷୀ ଧାନ ବିକ୍ରି କରିବାକୁ ପ୍ରତିବର୍ଷ ହଟହଟା ହେଉଛନ୍ତି। ଫଳରେ ବହୁ ଚାଷୀ ମଣ୍ଡିକୁ ଆସୁନାହାନ୍ତି, ଯାହାର ଫାଇଦା ବ୍ୟବସାୟୀ ନେଉଛନ୍ତି ।

ବ୍ୟବସାୟୀମାନେ ନିଜର ଅନୁଗତ ଲୋକଙ୍କ ନାଁରେ ବ୍ୟାଙ୍କ୍ ଆକାଉଣ୍ଟ ଖୋଲୁଛନ୍ତି। ସେମାନଙ୍କୁ ଚାଷୀ ଦର୍ଶାଯାଉଛି। ଫଳରେ ଧାନ ବିକ୍ରି ଟଙ୍କା ତାଙ୍କ ଆକାଉଣ୍ଟ ନଂ.କୁ ଯାଉଛି। ଏଥିପାଇଁ ନକଲି କାଗଜପତ୍ରର ସାହାରା ନିଆଯାଉଛି। ସ୍ଥାନୀୟ ସମିତି ସମ୍ପାଦକଙ୍କ ସହଯୋଗରେ ଧାନ ବିକ୍ରି କରାଯାଉଛି। ଏଥିରେ ମିଲ ମାଲିକ ସହଯୋଗ କରୁଥିବାବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମର୍ଥନ ରହୁଛି। ଫଳରେ ଏହି ଅନିୟମିତତାକୁ ସହଜରେ ଧରିବା ସମ୍ଭବ ହେଉ ନାହିଁ। କାରଣ ତଳୁ ଉପରସ୍ତର ଯାଏ ମିଳିମିଶି ଚାଷୀଙ୍କ ନାଁରେ ଧାନ ଟଙ୍କା ଲୁଟୁଛନ୍ତି। ଏ ସଂକ୍ରାନ୍ତରେ ଏଆରସିଏସ୍ ଭାସ୍କର ପାଣିଗ୍ରାହୀ କୁହନ୍ତି, ଧାନକିଣାରେ ଅନିୟମିତତା ସାମ୍ନାକୁ ଆସିଲେ ଆମେ ତୁରନ୍ତ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ। ଚଳିତବର୍ଷ ୫ଟି ଧାନମଣ୍ଡିରେ ଅନିୟମିତତା ଅଭିଯୋଗ ଆସିଛି। ଏହାର ତଦନ୍ତ ଚାଲିଛି। କଜଳାଇପଲ୍ଲୀ ଓ ଗୋଲଗାଁ ପ୍ରାଥମିକ କୃଷି ସମବାୟ ସମିତିର ତଦନ୍ତ ରିପୋର୍ଟ ମିଳିବା ପରେ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ସଭାପତିଙ୍କୁ ସୁପାରିସ କରାଯାଇଛି ବୋଲି ସେ କହିଛନ୍ତି।

